e-paper www.sambadkalika.in

31 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

# ସମ୍ବାଦ କଳିକା
The Sambad Kalika TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୪୧ ● ୮ ଜାନୁଆରୀ ୨୦୨୬, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-341 ● 8th January 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

୬ ବାଂଲାଦେଶକୁ ଭାରତରେ ହିଁ ଖେଳିବାକୁ ହେବ ଟି-ଟ୍ୱେଣ୍ଟି ମ୍ୟାଚ୍ : ଆଇସିସି



## ୧୧୮ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

# ବିକଶିତ ଓଡିଶା, ବିକଶିତ ଭାରତ ପାଇଁ ଏକ ମାଇଲଖୁଣ୍ଟ

ଭୁବନେଶ୍ୱର, ୭।୧
ନ୍ୟୁଜ୍ ବ୍ୟୁରୋ

୨୦୩୬ ସୁଦ୍ଧା ଓଡିଶା ହେବ ସମୃଦ୍ଧ ଓଡିଶା ଏବଂ ଏହି ପରିକଳ୍ପନାରେ ବୁଧବାର ଶୁଭାରମ୍ଭ ହୋଇଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବ, କାରଣ ଆଜିର ବିଦ୍ୟାର୍ଥୀ ମାନେ ହେଲେ ଆସନ୍ତା କାଲିର ନାଗରିକ ଓ ରାଷ୍ଟ୍ର ନିର୍ମାତା। ବିଦ୍ୟାର୍ଥୀମାନଙ୍କ ପାଠପଢ଼ାର ମୂଳଦୁଆକୁ ସଶକ୍ତ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ଏବଂ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଏହା ଏକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁର ଠାରେ ରାଜ୍ୟ ସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୩୦ଟି ଜିଲ୍ଲା ପାଇଁ ୧୧୮ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚରେ ଆସନ୍ତା ୪ ବର୍ଷରେ ରାଜ୍ୟର ଗ୍ରାମପଞ୍ଚାୟତ ଗୁଡ଼ିକରେ ୨୨ ଶହ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ।



ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବାଣପୁର ମାଟିର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରରେ ଥିଲେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଲେଖକ ଓ ଶିକ୍ଷାବିତ୍। ତାଙ୍କ ନାମରେ ନାମିତ ଏହି ଆଦର୍ଶ ବିଦ୍ୟାଳୟ ଯୋଜନା ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର କାୟାକଳ୍ପ କରିବାରେ ସଫଳ ହେବ। ଏହି ଯୋଜନାରେ ପିଲାମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ମିଳିବା ସହିତ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ସୁଦୃଢ ହେବ।

ସେ ପୁଣି କହିଥିଲେ ଏଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିବା ପାଇଁ ମୁଁ ବହୁ ବର୍ଷ ଆଗରୁ ଉଦ୍ୟମ ଆରମ୍ଭ କରିଥିଲି। ଆମ ସରକାର ଆସିବା ପରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଏହି ଯୋଜନାକୁ ପ୍ରାଥମିକତା ଦିଆଯାଇଥିଲା। ଚଳିତ ବର୍ଷ ବଜେଟରେ ଏହାର କାର୍ଯ୍ୟକାରିତା ପାଇଁ ୩ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର (ପୃଷ୍ଠା ୭ରେ)

# ଏପ୍ରିଲରୁ ଓଡ଼ିଶାରେ ଆରମ୍ଭ ହେବ ଜନଗଣନାର ପ୍ରଥମ ପର୍ଯ୍ୟାୟ

ଭୁବନେଶ୍ୱର, ୭।୧
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଏପ୍ରିଲରୁ ଓଡ଼ିଶାରେ ଆରମ୍ଭ ହେବ ଜନଗଣନାର ପ୍ରଥମ ପର୍ଯ୍ୟାୟ। ୨୦୨୭ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା । ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବ ପତ୍ର ଗଣନା ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା। ନିଯୁକ୍ତ ହେବେ ଲକ୍ଷାଧିକ ଜନ ଗଣନା ଅଧିକାରୀ। ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ। ବୁଧବାର ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଏନେଇ ବିସ୍ତୃତ ଆଲୋଚନା ହୋଇଛି। ରାଜ୍ୟରେ ଜନଗଣନା ପାଇଁ ୬ ମାସ ଧରି ପ୍ରସ୍ତୁତି ଚାଲିଥିଲା। ଭୁବନେଶ୍ୱର କଟକରେ ଏହାର ପ୍ରି-ଟେଷ୍ଟ ସରିଛି। ନୂଆ ଘୋଷଣା



ହୋଇଥିବା ଏନଏସି ଏବଂ ପୌରପାଳିକା ସୀମା ଫାଇନାଲ ହୋଇଛି। ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ । ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ। ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପ୍ରଭାଇଜର ନିଯୁକ୍ତ ହେବେ। ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀଙ୍କୁ ଏହି କାର୍ଯ୍ୟପାଇଁ ନିୟୋଜିତ କରାଯିବ। ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏପ୍ରିଲରୁ ମେ ଭିତରେ ପ୍ରଥମ ପର୍ଯ୍ୟାୟରେ ଘର ମାର୍କ ହେବ। ୨୦୨୭ ଫେବୃଆରୀରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନ ଗଣନା ହେବ ବୋଲି ନିର୍ଦ୍ଦେଶକ ନିଖିଲ ପଓ୍ୱନକୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ। ଓ୍ୱେବସାଇଟ ଜରିଆରେ ନିଜର ନାମ ପଞ୍ଜିକୃତ କରି ପାରିବେ। ମୋବାଇଲ ନମ୍ବରରେ ଓଟିପି ବେସଡ ହେବ। ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କ ମୃତ୍ୟୁ।
- ଏସମାକୁ ବେଖାତିର କଲେ ଡାକ୍ତର, ସାରା ରାଜ୍ୟରେ ଦୁଇ ଘଣ୍ଟା ଯାଏ ଓପିଡି ବନ୍ଦ ଆନ୍ଦୋଳନ ଜାରି।
- ସମ୍ବଲପୁରରେ ସଡ଼କ ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ।
- ଧାନ କ୍ରୟକୁ ନେଇ ପଶ୍ଚିମ ଓଡ଼ିଶାରେ ଅସନ୍ତୋଷ।
- ବିଶ୍ୱ ସମସ୍ୟା ସତ୍ତ୍ୱେ ଦେଶର ଅର୍ଥନୀତି ମଜଭୁତ।
- ଉତ୍ତର ଭାରତରେ ଶୀତ ଓ ଘନ କୁହୁଡ଼ି।
- ଆଗାମୀ ଦିନରେ ମହାକାଶ ଅଭିଯାନ ପାଇଁ ପ୍ରସ୍ତୁତି।
- ଆଗାମୀ ବଜେଟରେ ବିକାଶ ଓ ଚାକିରି ଉପରେ ଗୁରୁତ୍ୱ।
- ମଧ୍ୟପ୍ରଦେଶର ଇନ୍ଦୋରରେ ଦୂଷିତ ପାଣି ଯୋଗୁଁ ଏପର୍ଯ୍ୟନ୍ତ ୨୦ ଜଣଙ୍କର ମୃତ୍ୟୁ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୨୭ (-୫୫)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୬୭୫ (-୫୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୩୭୧ (-୪୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୭ (+୬)

## ଏକାଳ ପଖାଳ



ଟିକେ ବୁଝାମଣା କାମଦେଲା ଜନେ
ମଣ୍ଡିରୁ ଉଠିବ ଧାନ
ହତାଶ ଚାଷୀ ଆଶା ପାଇଗଲା
ମିଲରଙ୍କ ଭାଙ୍ଗେ ମାନ
ଏବେ ନେତା ଦିଅ ଧ୍ୟାନ
ଡାକ୍ତର ଗୋଷ୍ଠୀ ଅଡି ବସିଛନ୍ତି
ରୋଗୀର ହଜୁଛି ଜ୍ଞାନ।

## ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶାବଳୀ ପାଳନ ହେବ

# ଓଡ଼ିଶା ବିକାଶ ପାଇଁ ରୋଡମ୍ୟାପ୍

ଭୁବନେଶ୍ୱର, ୭।୧
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ବିକାଶ ପାଇଁ ରାଜ୍ୟ ସରକାରଙ୍କ ରୋଡମ୍ୟାପ୍ ପ୍ରସ୍ତୁତ ହୋଇଛି । ଆସନ୍ତା ଜୁନ୍ ସୁଦ୍ଧା ୬୫ ହଜାର ସରକାରୀ ପଦବୀ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୧୫ ସୂତ୍ରୀ ନିର୍ଦ୍ଦେଶ ପାଳନ ନେଇ ବିଭାଗୀୟ ସଚିବ କଣ ସବୁ ଯୋଜନା କରିଛନ୍ତି, ସେନେଇ ରିପୋର୍ଟ




ଦେବାକୁ କହିଛନ୍ତି ମୁଖ୍ୟ ଶାସନ ସଚିବ । ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନଙ୍କୁ ନେଇ ଗତ ଜାନୁଆରୀ ୧ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଲୋକ ସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ଅର୍ଥନୈତିକ ପ୍ରଗତି (ପୃଷ୍ଠା ୭ରେ)

## ସରକାରଙ୍କୁ ମିଲର୍ସଙ୍କ ୧୫ ଦିନିଆ ମହଲତ

# ଆଜିଠୁ ସ୍ୱାଭାବିକ ଭାବେ ଚାଷୀଙ୍କ ଧାନ ଉଠିବ

ଭୁବନେଶ୍ୱର, ୭।୧
ନ୍ୟୁଜ୍ ବ୍ୟୁରୋ

ସ୍ୱାଭାବିକ ହେଲା ଧାନ କିଣା । ଏନେଇ ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ୧୯ଟି ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଛି । ମିଲର୍ସ ମାନଙ୍କ କିଛି ଦାବିଙ୍କୁ ସରକାର ଗ୍ରହଣ କରିଛନ୍ତି। ଏନେଇ ସରକାରଙ୍କର ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ମଙ୍ଗଳବାର ମିଲର୍ସ ସଙ୍ଘ ସହିତ ଆଲୋଚନା ହୋଇଥିଲା ।

ସୂଚନା ଅନୁସାରେ ବୁଧବାର ଅପରାହ୍ନ ସୁଦ୍ଧା ୧୯ ଟି ଜିଲ୍ଲାରେ ୩ ଲକ୍ଷ ୧୫ ହଜାର ୪୩୧ ଚାଷୀଙ୍କଠାରୁ ୧୩ ଲକ୍ଷ ୯୩ ହଜାର ୮୬୭ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି । ଏଥିମଧ୍ୟରୁ ୧୩ ଲକ୍ଷ ୫୯ ହଜାର ୯୭୪



ମେଟ୍ରିକ ଟନ ଧାନ ମିଲର ମାନେ ଉଠାଇଛନ୍ତି। ଏ ବାବଦରେ ଚାଷୀଙ୍କୁ ୮୯୧ କୋଟି ୫୮ ଲକ୍ଷ ଟଙ୍କାର ଇନପୁଟ ସବସିଡି ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ଦିନ ଧରି ମିଲର୍ସ ଆସୋସିଏସନ୍ ପକ୍ଷରୁ ୪ ଦଫା ଦାବିରେ ଆନ୍ଦୋଳନ ଜାରି ରହିଥିଲା। ସରକାରଙ୍କ ସହ ଆସୋସିଏସନ୍ କର୍ମକର୍ତ୍ତା ଆଲୋଚନା କରିଥିଲେ। ୪ଟି ପ୍ରମୁଖ ଦାବି ମଧ୍ୟରୁ ସରକାର ଗୋଟିଏ ଦାବି ଗ୍ରହଣ କରିଛନ୍ତି। ସରକାରଙ୍କ ଉପରେ ଭରସା ରଖି ଆସୋସିଏସନ୍ କର୍ମକର୍ତ୍ତା ଆନ୍ଦୋଳନରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି ଏବଂ ସରକାରଙ୍କୁ ଅନ୍ୟ ଦାବି ପୂରଣ ପାଇଁ ୧୫ଦିନ ସମୟ ଦେଇଛନ୍ତି। ଏହା ପରେ ଆସୋସିଏସନ୍ କର୍ମକର୍ତ୍ତାମାନଙ୍କର ବୈଠକରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହୋଇଛି।

# ନବୋଦୟ ବିଦ୍ୟାଳୟ ୧୪ ଯାଏଁ ବନ୍ଦ ପିଲାଙ୍କୁ ଘରକୁ ନେଲେ ଅଭିଭାବକ

ଖୋର୍ଦ୍ଧା, ୭।୧
ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧା ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ (ହେପାଟାଇଟିସ୍-ସି) ବ୍ୟାପିବା ଭୟରେ ନବୋଦୟ ବିଦ୍ୟାଳୟକୁ ୧୪ ତାରିଖ ଯାଏ ବନ୍ଦ ଘୋଷଣା କରାଯାଇଛି। ଏପରିକି ନିଜ ପିଲାଙ୍କୁ ନେଇଯିବା ଲାଗି ଅଭିଭାବକଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏହା ପରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଘରକୁ ଚାଲିଯାଇଛନ୍ତି।

ନବୋଦୟ ବିଦ୍ୟାଳୟ ସମୂହ କମିଶନର ସ୍ଥିତ ଅନୁଧ୍ୟାନ କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ବିଦ୍ୟାଳୟକୁ ଛୁଟି କରିବାକୁ ପରାମର୍ଶ ଦେଇଥିଲେ। ତଦନୁସାରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ସପ୍ତାହକୁ ପାଇଁ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଏଥିସହ ପିଲାମାନଙ୍କୁ ଘରକୁ ନେଇଯିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

ଏଠାରେ ସୂଚନାଯୋଗ୍ୟ ଖୋର୍ଦ୍ଧ ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ରୋଗ ବ୍ୟାପିବା ନେଇ ଅଭିଯୋଗ ଆସିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ (ପୃଷ୍ଠା ୭ରେ)

# ୨୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୭।୧
ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ପୁଲିସ ନିକଟରେ ବୁଧବାର ଆନ୍ଧ୍ର ଓଡ଼ିଶା ସୀମାର ଡିଭିଜନର ୨୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଟାର୍ଗେଟକୁ ଆଉ ମାତ୍ର ହାତଗଣତି କିଛି ଦିନ ରହିଥିବା ବେଳେ ଜଙ୍ଗଲରେ ବୁଲୁଥିବା ମାଓବାଦୀଙ୍କ ପାଇଁ ଶେଷ ସୁଯୋଗ। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି କିରଣ ଚୌହାନଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଥିଲେ।

ଆତ୍ମସମର୍ପଣ କରିଥିବା ମାଓମାଦୀମାନଙ୍କ




ମଧ୍ୟରେ ୧୦ ଲକ୍ଷ ଘୋଷିତ ସିଆରସି କମ୍ପାନୀର ଡେପୁଟି କମାଣ୍ଡର ଲାଲି ଓରଫ ମୁଚାକି ଆୟତେ, ୮ ଲକ୍ଷ ଘୋଷିତ ପ୍ଲାଟୁନ କମାଣ୍ଡର ହେମଲା ଲାଖମା, କମ୍ପାନୀ ନମ୍ବର-୭ର ସଦସ୍ୟା ଅସମତି ଓରଫ କମଲୁ, ପାର୍ଟି ସଦସ୍ୟା ରାମବତୀ ଏବଂ ପିଏଲଜିଏ ସଦସ୍ୟ ସୁଣ୍ଡାମ ପାଲେ, ୫ ଲକ୍ଷ ଘୋଷିତ ଏଲଓସି କମାଣ୍ଡର ମୁଚାକି ସଂଦୀପ, ଏସିଏମ ମାଡିକମ ଚେତ ଓରଫ ମଙ୍ଗଲି ଏବଂ କୃଷି ଟିମ କମାଣ୍ଡର ନିଲେଶ, ୩ ଲକ୍ଷ ଘୋଷିତ ମିଲିସିଆ କମାଣ୍ଡର ତାତି ସୋମଡୁ, ୨ ଲକ୍ଷ ଘୋଷିତ ଡିଏକେଏମଏସ ସଦସ୍ୟ ମୁଚାକି ଦେବା, ୧ ଲକ୍ଷ ଘୋଷିତ ପାର୍ଟି ସଦସ୍ୟା ସରିତା, ଗାର୍ଡ ସଦସ୍ୟ (ପୃଷ୍ଠା ୭ରେ)

# ୩ଟି ବାଇପାସ୍ ପାଇଁ ୧୧୧ କୋଟି ମଞ୍ଜୁର

ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୧
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନୂଆଦିଲ୍ଲୀରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସଡ଼କ ବିକାଶ ସମ୍ପର୍କିତ ତିନିଟି ମୁଖ୍ୟ ଦାବି ରଖିଛନ୍ତି । ଏହି ଆଲୋଚନା ସମୟରେ ଭୁବନେଶ୍ୱର ଓ ଆସପାସ ଅଞ୍ଚଳର ଯାତାୟାତ ସମସ୍ୟା ସମାଧାନ ନେଇ ଗଭୀର ଆଲୋଚନା ହୋଇଥିଲା। ସାଂସଦ ଅପରାଜିତା ନିଜେ ସୋସିଆଲ ମିଡିଆ ଜରିଆରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବେଗୁନିଆ, ସୁନାଖେଳା ଓ (ପୃଷ୍ଠା ୭ରେ)

# ପ୍ରଭାବହୀନ ଟ୍ରମ୍ପଙ୍କ 'ଟାରିଫ୍' : ଦୁଇବର୍ଷରେ ସର୍ବାଧିକ ରହିବ ଭାରତର ଜିଡିପି ଅଭିବୃଦ୍ଧି



ନୂଆଦିଲ୍ଲୀ, ୭।୧

ବିଶ୍ୱର ସମସ୍ତ ଦେଶ ଉପରେ ଆମେରିକାର ଟାରିଫ୍ ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ଭାରତ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ୍ ଚାପ ସତ୍ତ୍ୱେ, ୨୦୨୫-୨୬ ପାଇଁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିବ ବୋଲି ଭାରତ ସରକାର ଆକଳନ କରିଛନ୍ତି। ଯାହା ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତିର ଦୃଢ଼ତାକୁ ଦର୍ଶାଉଛି।

ଏହି ଅଭିବୃଦ୍ଧି ପୂର୍ବାନୁମାନ ଭାରତୀୟ ରିଜର୍ଭ ବ୍ୟାଙ୍କର ୭.୩ ପ୍ରତିଶତ ଆକଳନ ଠାରୁ ଅଧିକ ଏବଂ ପୂର୍ବ ବର୍ଷର (୨୦୨୪-୨୫) ୬.୫ ପ୍ରତିଶତ ଅଭିବୃଦ୍ଧି ଠାରୁ ଯଥେଷ୍ଟ ଅଧିକ । ଏହି ତଥ୍ୟ ଆସନ୍ତା ଫେବୃଆରୀ ୧ ରେ ଉପସ୍ଥାପନ ହେବାକୁ ଥିବା କେନ୍ଦ୍ରୀୟ ବଜେଟ୍ ପାଇଁ ଆଧାର ହେବ। ଆର୍ଥିକ ବର୍ଷ ୨୦୨୬ରେ ୭.୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି, ଯାହା ପୂର୍ବ ବର୍ଷ ୬.୪ ପ୍ରତିଶତ ଥିଲା।

ବିଶ୍ୱବ୍ୟାପୀ ଅନିଶ୍ଚିତତା ସତ୍ତ୍ୱେ ଭାରତୀୟ ଅର୍ଥନୀତି ଦୃଢ଼ ରହିଛି। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା, ସେବା କ୍ଷେତ୍ରର ଦୃଢ଼ତା, ପୁଞ୍ଜି ନିବେଶରେ ବୃଦ୍ଧି, ଲକ୍ଷ୍ୟଭିତ୍ତିକ (ପୃଷ୍ଠା ୭ରେ)

# ଶୀତଲହରୀରେ ଜନଜୀବନ ଅସ୍ତବ୍ୟସ୍ତ ୧୦ ଡିଗ୍ରୀ ତଳେ ୨୩ ସହର

ଭୁବନେଶ୍ୱର, ୭।୧
ନ୍ୟୁଜ୍ ବ୍ୟୁରୋ

ସାରା ଓଡ଼ିଶା ଜାଡ଼ରେ ଥରୁଛି। ଜନଜୀବନ କଲବଲ ହେଉଛି। ରାତି ପାହିଲେ ଲୋକେ ସୂର୍ଯ୍ୟକିରଣକୁ ଅପେକ୍ଷା କରୁଛନ୍ତି। ସୂର୍ଯ୍ୟାସ୍ତ ପରେ ନିଆଁ ପାଖରେ ବସିବାକୁ ଉଦ୍ୟମ କରୁଛନ୍ତି। ଅଥବା ଗରମ ପୋଷାକ ପିନ୍ଧି ଘର ଭିତରେ ରହିବାକୁ ପସନ୍ଦ କରୁଛନ୍ତି। ଅନ୍ୟପଟରେ ବୟସ୍କମାନେ ଶୀତର ପ୍ରଭାବରେ କଲବଲ ହେଉଛନ୍ତି। ଓଡ଼ିଶାର ଦାର୍ଜିଲିଂ ଘୁମୁସର ଉଦୟଗିରିରେ ଚଳିତ ବର୍ଷର ସବୁଠାରୁ କମ୍ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ରାଜ୍ୟର ଅନ୍ୟ ଅଞ୍ଚଳରେ



ମଧ୍ୟ ତାପମାତ୍ରା ହ୍ରାସ ପାଇଛି।

ଓଡ଼ିଶାର ଦାର୍ଜିଲିଂ ଘୁ.ଉଦୟଗିରିରେ ଶୀତର ପ୍ରକୋପ ଜାରି ରହିଥିବା ବେଳେ ଚଳିତ ଶୀତ ଋତୁର ସବୁଠାରୁ କମ ତାପମାତ୍ରା ରେକର୍ଡ ହୋଇଛି (ପୃଷ୍ଠା ୭ରେ)





## ବିଭିନ୍ନ ଦାବି ନେଇ ଡାକ୍ତରଙ୍କ ଧାରଣା:ରୋଗୀ ସେବା ବ୍ୟାହତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡରେ ଡାକ୍ତରଙ୍କ ଧାରଣା ରୋଗୀ ସେବା ବାଧାପ୍ରାପ୍ତ ହୋଇଛି । ୧୦ ଦଫା ଦାବି ନେଇ ଡାକ୍ତର ମାନଙ୍କର କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ୨ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ । ଓମ୍‌ସା କେନ୍ଦୁଝର ଶାଖା ତରଫରୁ ଦାବି ପୂରଣ ପାଇଁ ୯ଟାରୁ ୧୧ଟା ଯାଏ ବହିର୍ବିଭାଗ ଡାକ୍ତରମାନେ ଆନ୍ଦୋଳନରେ ବସିରହିଥିଲେ । ଅଧାରୁ ଅଧିକ ଡ଼ାକ୍ତର ପଦବୀ ଖାଲିଥିବା, କେନ୍ଦ୍ରୀୟ ଦରମା ଗଠନ ଅନୁଯାୟୀ ଡିଏସିପି, ଓଏମ୍‌ଏଚ୍‌ଏସ୍ ଦରମା ଗଠନ ସଂଶୋଧନ ଦାବି, ସ୍ତର ୧୫ ଉଚ୍ଛେଦ ଦାବି, ସମସ୍ତ ଗ୍ରେଡ୍‌ର ସମାନୁପାତିକ କ୍ୟାଡ଼ର୍ ପୁନର୍ଗଠନ ଭଳି ୧୦ ଦଫା ଦାବିରେ ଆନ୍ଦୋଳନରେ ବସିଥିଲେ ଡାକ୍ତର । ହେଲେ ଏଥିରେ କୌଣସି ଜରୁରୀ କାଳୀନ ରୋଗୀସେବା ବ୍ୟାହତ ହୋଇ ନଥିବା ଆନ୍ଦୋଳନରତ ଡାକ୍ତର କହୁଥିବା ବେଳେ, ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ରୋଗୀମାନେ ବହୁ ସମୟ ଧରି ଅପେକ୍ଷା କରିଥିବା କହିଛନ୍ତି ।

## ମନରେଗା କାର୍ଯ୍ୟରେ ଚଞ୍ଚକତା ଅଭିଯୋଗ:ଶ୍ରମିକଙ୍କ ବଦଳରେ ମେସିନ୍ କରୁଛି ପ୍ରକଳ୍ପ କାମ

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଞ୍ଚଳରେ କାମ ଧନ୍ଦା ମିଳୁନାହିଁ ବୋଲି ରାଜ୍ୟ ବାହାରକୁ ଦାଦନ ଯାଉଛନ୍ତି ଦାଦନ ରୋକିବାକୁ ସରକାର ମନରେଗା ଯୋଜନା କଲେ କାମ ବି ହେଉଛି ହେଲେ ଯେତେ କାମ ହେଉଛି ଅଧିକାଂଶ କାମ କାଗଜପତ୍ରରେ ଶ୍ରମିକ କରୁଛନ୍ତି କିନ୍ତୁ ବାସ୍ତବ ଚିତ୍ର ଭିନ୍ନ । ଅନେକ କାମରେ ଶ୍ରମିକଙ୍କ ଫଟୋ ବ୍ୟବହାର କରାଯାଉଛି କିନ୍ତୁ ସେମାନେ କାମ କରୁନାହାନ୍ତି । ମଷ୍ଟରରୋଲରେ ମହିଳା କାମ କରୁଥିବା ଦର୍ଶାଉଥିବାବେଳେ, କେତେକ ପ୍ରକଳ୍ପରେ ପୁରୁଷ ଶ୍ରମିକଙ୍କ ଫଟୋ ରହିଛି । ଶ୍ରମିକଙ୍କ ନାଁରେ ନିରିହ ଶ୍ରମିକଙ୍କୁ ଲୁଟ୍ କରଯାଉଛି । କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ବଡକର୍ଲାକୋଟ ପଞ୍ଚାୟତରେ ୨ଟି କାମରେ ୯୮ଜଣ, ବାଣ୍ଡିଗାଁ ପଞ୍ଚାୟତରେ୨ଟି କାମରେ ୫୩, ବାନେର ପଞ୍ଚାୟତରେ ୫ଟି କାମରେ ୧୬୬, ଭଇଁରିପାଲି ପଞ୍ଚାୟତରେ ୨ଟି କାମରେ ୫୦ ଜଣ, ଭେଜିଗୁଡା ପଞ୍ଚାୟତରେ ୨ଟି କାମରେ ୮୭ ଜଣ, ଜୟପାଟଣା ପଞ୍ଚାୟତରେ ୩ଟି କାମରେ ୪୪ ଜଣ ମଙ୍ଗଳପୁର ପଞ୍ଚାୟତରେ ୨ଟି କାମରେ ୬୯, ପ୍ରତାପୁର ପଞ୍ଚାୟତରେ ୩ଟି କାମରେ ୧୧୦, ରଣମାଳ ପଞ୍ଚାୟତରେ ୩ଟି କାମରେ ୧୬୦, ସର୍ଗିଗୁଡା ପଞ୍ଚାୟତରେ ,୨ଟି କାମରେ ୧୦୨ ଜଣ, ଉଛୁଳା ପଞ୍ଚାୟତରେ ୨ଟି କାମରେ ୬୯ଜଣ ଶ୍ରମିକ କାମ କରୁଥିବା ଦର୍ଶାଯାଇଛି । ହେଲେ ଅନେକ ପଞ୍ଚାୟତରେ ମନରେଗା ଶ୍ରମିକ ଟଙ୍କା ଚଞ୍ଚକତା କରି ବାଟମାରଣ କରାଯାଉଥିବା ଅଭିଯୋଗ ହେଉଛି । ଯୋଜନାରେ କାମରେ ଶ୍ରମିକ କାଗଜ ପତ୍ରରେ ଶ୍ରମିକ ନିୟୋଜିତ ହୋଉଛନ୍ତି । ମନରେଗାର ନିୟମ ଅନୁସାରେ, ଗୋଟିଏ ମଷ୍ଟରରୋଲ୍‌ରେ ୧୦ଜଣ ଶ୍ରମିକଙ୍କ ଉପସ୍ଥାନ ପଡ଼ିଥାଏ । ତେଣୁ ଯଦି କୌଣସି ପ୍ରକଳ୍ପ କାମରେ ୩୦ ଜଣ ଶ୍ରମିକ ନିୟୋଜିତ ହେଲେ ତେବେ ସେହି ହାରରେ ୩ଟି ମଷ୍ଟରରୋଲ୍ ଉପସ୍ଥାନ ପାଇଁ ବ୍ୟବହାର ହୋଇଥାଏ । ୩ଟି ମଷ୍ଟରରୋଲ ପାଇଁ ମନରେଗାର ଏନଏମ୍‌ଏମ୍‌ଏସ୍ ପୋର୍ଟାଲରେ ୩ଟି ଶ୍ରମିକ ଦଳର ଫଟୋ, ଭିନ୍ନଭିନ୍ନ କାମ ଚାଲିଥିବା ସ୍ଥାନର ଅପ୍‌ଲୋଡ଼ ହେବା କଥା । ହେଲେ ପଞ୍ଚାୟତ ସ୍ତରୀୟ ସରକାରୀ ବାବୁ ଏହି ନିୟମକୁ ମାନୁନାହାନ୍ତି । ଗୋଟିଏ ଶ୍ରମିକ ଦଳର ଫଟୋକୁ ହିଁ ଅପ୍‌ଲୋଡ଼ କରିଛନ୍ତି । ଭଇଁରି ପାଲି ପଂଚାୟତ ୱ୍ୱାର୍କ କୋଡ ୨୪୧୦୦୧୦୦୦୬/ଆଇସି/ ୧୦୬୪୮୯୦୩ ମଷ୍ଟରରୋଲ୍ ନମ୍ବର ୧୨୫୫୦ରେ କାମ କରୁଥିବା ଶ୍ରମିକଙ୍କ ନାମ ଭାନୁମତି ଶବର, ଯଇନେକା, ନାରାୟଣ ଶବର, କେଶବ ଶବର, କୁନ୍ତଳା ଶବର ରହିଛି । ଏଥିରେ ୩ ମହିଳା ଶ୍ରମିକ କାମ କରିଥିବା ଦର୍ଶାଯାଇଛି ହେଲେ ୩ ମହିଳାଙ୍କ ଫଟୋ ଜାଗାରେ ୫ ଜଣ ପୁରୁଷଙ୍କ ଫଟୋ ରହିଛି । ଉକ୍ତ କାମର ମଷ୍ଟରରୋଲ ନମ୍ବର ୧୨୫୪୯ରେ ୧୦ ଜଣ ଶ୍ରମିକଙ୍କ ନାମ ଉଲ୍ଲେଖ ରହିଛି ।୧୦ ଜଣ ମଧ୍ୟରୁ ୪ ଜଣ ମହିଳା ରହିଥିଲେ ହେଁ କେବଳ ପୁରୁଷ ଶ୍ରମିକଙ୍କ ଫଟୋ ରହିଛି । ମଷ୍ଟରରୋଲ୍ ନମ୍ବର୧୨୫୪୮ରେ ମଧ୍ୟ ୪ ମହିଳା ଶ୍ରମିକଙ୍କ ନାମ ଗୋମତି ଶବର, ସସ୍ମିତା ଶବର, ପ୍ରେମସିଲା ଶବର, ପ୍ରମିଳା ଶବରଙ୍କ ନାମ ରହିଥିଲେ ହେଁ ସେମାନଙ୍କ ଜାଗାରେ ପୁରୁଷ ଶ୍ରମିକଙ୍କ ଫଟୋ ରହିଛି । ମଷ୍ଟରରୋଲ୍ ନମ୍ବର ୧୨୫୪୮ ଏବଂ ମଷ୍ଟରରୋଲ୍ ନମ୍ବର ୧୨୫୪୯ରେ ସମାନ ଫଟୋ ରହିଛି । ଉକ୍ତ ପଞ୍ଚାୟତର ୱ୍ୱାର୍କ କୋଡ଼ ନମ୍ବର ୨୪୧୦୦୧୦୦୬/ଆର୍‌ସି/ ୧୦୬୫୪୪୯୯, ମଷ୍ଟରରୋଲ୍ ନମ୍ବର ୧୨୧୨୮ ଏବଂ ମଷ୍ଟରରୋଲ୍ ନମ୍ବର ୧୨୧୨୯ରେ ସମାନ ଫଟୋ ରହିଛି । ସେହିପରି ଜୟପାଟଣା ପଞ୍ଚାୟତ ୱ୍ୱାର୍କ କୋଡ଼ ୨୪୧୦୦୧୦/ଆରସି / ୧୦୬୨୩୧୫୨, ମଷ୍ଟରରୋଲ ନମ୍ବର ୧୨୪୧୫ ଏବଂ ମଷ୍ଟରରୋଲ ନମ୍ବର ୧୨୪୧୬ରେ ଶ୍ରମିକଙ୍କ ସମାନ ଫଟୋ ରହିଛି । ଶ୍ରମିକକାମ କରୁଥିବା ସ୍ଥାନ ଏବଂ କାମ କରୁଥିବା ଅବସ୍ଥାର ଫଟୋ ଅପ୍‌ଲୋଡ଼ ନହୋଇ କେବଳ ଠିଆ ହୋଇଥିବା ଗ୍ରୁପ୍ ଫଟୋ ଅପ୍‌ଲୋଡ଼ କରାଯାଇଛି । ଶ୍ରମିକଙ୍କ ଜବ୍‌କାର୍ଡ ଭଡାରେ ଲାଗୁଥିବା ବେଳେ କିପରି ମନରେଗା କାମ ଜୟପାଟଣା ବ୍ଲକରେ ହେଉଥିବ ସହଜେ ଅନୁମେୟ । ଏପରିକି କେତେକ ମଷ୍ଟରରୋଲରେ କାମ କରିନଥିବା ଶ୍ରମିକଙ୍କ ନାଁ, ବ୍ୟାଙ୍କ ଆକାଉଣ୍ଟ ଯୋଡ଼ି ମନରେଗା ଟଙ୍କା ପକାଇବା ପରେ ଅନୁଦାନ ବାଟ ମାଗଣା କରୁଥିବା ଅଭିଯୋଗ ହେଉଛି । ଫଳରେ ବଲାଇ, ମଧ୍ୟସ୍ଥି ଏବଂ କେତେକ ଅସାଧୁ ଅଧିକାରୀ ଏଭଳି କାମରେ ମାଲାମାଲ ହେଉଥିବା ବେଳେ କାମଧନ୍ଦା ଅପେକ୍ଷାରେ ଥିବା ଶ୍ରମିକ କାମ ପାଉନାହିଁ । ଶ୍ରମିକଙ୍କ ହାତରୁ କାମ ଛଡ଼ାଇ ନେଇ କାଗଜପତ୍ରରେ କାମ କରାଯାଉଛି । ଜୟପାଟଣା ବ୍ଲକର ଏଭଳି ବେଆଇନ୍ କାର୍ଯ୍ୟ ଚାଲିଛି । ଯାହାର ତଦନ୍ତ କରାଯିବାକୁ ଦାବି ହେଉଛି ।

## ଗଞ୍ଜାମ ଜିଲ୍ଲାର ୬୧ଟି ବିଦ୍ୟାଳୟରେ ନାହିଁ ସୁରକ୍ଷା ପାଚେରୀ:ବିପଦରେ ଛାତ୍ରଛାତ୍ରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ନିମନ୍ତେ ଭିତ୍ତିଭୂମିରେ ବିକାଶର ଆବଶ୍ୟକତା ରହିଛି । କିନ୍ତୁ ଗଞ୍ଜାମ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ରହିଥିବା କିଛି ବିଦ୍ୟାଳୟର ଭିତ୍ତିଭୂମି ଅସୁରକ୍ଷିତ ହୋଇପଡ଼ିଛି । ଏଭଳି ଭାବେ ଜିଲ୍ଲାର ୬୧ଟି ବିଦ୍ୟାଳୟରେ ସୁରକ୍ଷା ପାଚେରୀ ନଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଅସୁରକ୍ଷିତ ମନେକରୁଛନ୍ତି । ବିଦ୍ୟାଳୟ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ବର୍ତ୍ତମାନ ଅସୁରକ୍ଷିତ ହୋଇପଡ଼ିଛି । ଯାହାକୁନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲାରେ ମୋଟ୍ ୩୦୩୫ଟି ସରକାରୀ ବିଦ୍ୟାଳୟ ରହିଥିବାବେଳେ ସେଥିମଧ୍ୟରୁ ୬୨୪ଟି ଉଚ୍ଚ ବିଦ୍ୟାଳୟ ରହିଛି । ବିଦ୍ୟାଳୟର ପରିସରରେ ଉଭୟ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ବହୁ ମୂଲ୍ୟ ବୈଦ୍ୟୁତିକ ଯନ୍ତ୍ରପାତି ଠାରୁ ଆରମ୍ଭ କରି ମୂଲ୍ୟବାନ ଆସବାବ ପତ୍ର ମଧ୍ୟ ରହିଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ବହୁ ଶିକ୍ଷାନୁଷ୍ଠାନର ସୁରକ୍ଷା ପାଚେରୀ ନଥିବା ବେଳେ ରାତ୍ର ଜଗୁଆଳ କିମ୍ବା ସୁରକ୍ଷା କର୍ମୀ ନାହାନ୍ତି । ଯାହାଫଳରେ ଅନେକ ସମୟରେ ବିଭିନ୍ନ ବ୍ଲକ୍‌ର ଉପାନ୍ତ ଅଞ୍ଚଳରେ ରହିଥିବା ବିଦ୍ୟାଳୟ ମାନଙ୍କରେ ଚୋରି ହେଉଥିବା ଅଭିଯୋଗ ମଧ୍ୟ ଆସିଛି । ପୂର୍ବ ସରକାରଙ୍କ ଅମଳରେ ଗଞ୍ଜାମ ଜିଲ୍ଲାର ଅଧିକାଂଶ ହାଇସ୍କୁଲକୁ ୫-ଟିରେ ରୂପାନ୍ତରିକରଣ କରାଯାଇ ବିଦ୍ୟାଳୟରେ ରହିଥିବା ଭିତ୍ତିଭୂମିର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦିଆଯାଉଥିଲା । ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ୨୬୬ଟି ବିଦ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଜିଲ୍ଲାର ଅତ୍ୟନ୍ତ ଆବଶ୍ୟକ ପଡୁଥିବା ବିଦ୍ୟାଳୟ ମାନଙ୍କରେ ସୁରକ୍ଷାକର୍ମୀ ନିଯୁକ୍ତି ପ୍ରଦାନ କରିଥିବା ବେଳେ ଅନ୍ୟ କିଛି ବିଦ୍ୟାଳୟରେ ରାତ୍ର ଜଗୁଆଳି ମଧ୍ୟ ରହିଛନ୍ତି । ଏହାପରେ ମଧ୍ୟ ଜିଲ୍ଲାର ବହୁ ବିଦ୍ୟାଳୟ ସୁରକ୍ଷା ପାଚେରୀ ଓ ରାତ୍ର ଜଗୁଆଳି ନଥିବାରୁ ବିଦ୍ୟାଳୟ ଏବଂ ଏହାର ଛାତ୍ରଛାତ୍ରୀ ମଧ୍ୟ ଅସୁରକ୍ଷିତ ମନେ କରୁଛନ୍ତି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ବିଦ୍ୟାଳୟ ଗୁଡ଼ିକର ସୁରକ୍ଷା ପାଚେରୀ ନିର୍ମାଣ କରିବା ସମେତ ରାତ୍ର ଜଗୁଆଳର ବ୍ୟବସ୍ଥା କରିବାକୁ ଦାବି ହୋଇଛି ।



## ସଡ଼କ ସୁରକ୍ଷା ପାଇଁ ଶୋଭାଯାତ୍ରା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ସଡ଼କ ସୁରକ୍ଷା ୨୦୨୬ ଉପଲକ୍ଷେ ଜିଲ୍ଲା ପରିବହନ ବିଭାଗ ତରଫରୁ ଏକ ସେଚତନତା ସଭା ଓ ଶୋଭାଯାତ୍ରା ସାନ୍ଧ୍ୟ ମହା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିବହନ ଅଧିକାରୀ ଲୋକନାଥ ମେହେରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରା (ର୍ୟାଲି)କୁ ଉଦ୍‌ଘାଟନ କରିଥିଲେ । ଏହି ର୍ୟାଲି ସାନ୍ଧ୍ୟ ମହା ବିଦ୍ୟାଳୟରୁ ବାହାରି ସହର ଦେଇ ଜନସାଧାରଣଙ୍କୁ ସେଚତନ କରି ତିନିମୁହାଣୀ ପର୍ଯ୍ୟନ୍ତ ଯାଇଥିଲା । ଜିଲ୍ଲାପାଳ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ସଡକ ସୁରକ୍ଷା ଉପେର ବୁଝାଇଥିଲେ । ଅୟୋଜିତ ଏହି କାର୍ଯ୍ୟକ୍ରମରେ ସଡକ ସୁରକ୍ଷା ଅଭିଯାନ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପେର ଏକ ରକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

## ୨୮ କେଜି ଗଞ୍ଜେଇ ଜବତ:୩ ମହିଳା ଗିରଫ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ପକ୍ଷରୁ ଧୂର୍ଜିଆଦେବୀ ମନ୍ଦିର ନିକଟରେ ପୋଲିସ ଦଳର ପାଟ୍ରୋଲିଂ ବେଳେ ଚୋରା ଗଞ୍ଜେଇ ଚାଲାଣକାରୀ ତିନି ଜଣ ମହିଳାଙ୍କୁ ପୋଲିସ ପାଟ୍ରୋଲିଂ ଦଳ ଏସ୍‌ଆଇ ଦମୟନ୍ତୀ ବେହେରା, ଏଏସ୍‌ଆଇ ବାସୁଦେବ ପଣ୍ଡା ଓ ସୁରେନ୍ଦ୍ର ରାଜହଂସଙ୍କ ହାବୁଡ଼ରେ ପଡ଼ିଥିଲେ । ଉକ୍ତ ଗଞ୍ଜେଇ ଅଖାକୁ ପୋଲିସ ତନଖି କରି ଗଞ୍ଜେଇ ଜବତ କରିଥିଲେ । ପରେ ଉକ୍ତ ସ୍ଥାନରେ ମାଜିଷ୍ଟ୍ରେଟ୍ ଭାବେ କ.ନୂଆଗାଁ ଅତିରିକ୍ତ ତହସିଲଦାର ବସୁଧା ପ୍ରଧାନଙ୍କ ଉପସ୍ଥିତିରେ ଉକ୍ତ ଅଖାରେ ଥିବା ୨୮ କେଜି ଗଞ୍ଜେଇ ସହ ମୋବାଇଲ୍ ଦୁଇଟି ଜବତ କରିଥିଲେ । ତଦନ୍ତ ଅଧିକାରୀ ଥାନା ସେକେଣ୍ଡ ଅଫିସର ଅଶୋକ କୁମାର ତ୍ରିପାଠୀ ଏ ସକ୍ରାନ୍ତରେ ଥାନା କେସ୍ ନଂ ୦୪/୨୬ରେ ଏକ ଏନଡିପିଏସ୍ ମାମଲା ରୁଜୁ କରି ଚାଲାଣକାରୀ ତିନି ମହିଳା ଆସାମୀ ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତିନିହେଁ ହିରାଦେଇପୁରୁ ଗ୍ରାମର ବିଶ୍ୱନାଥ ସ୍ୱାଇଁଙ୍କ ସ୍ତ୍ରୀ ସୁକାନ୍ତି ସ୍ୱାଇଁ, ଗୋଲେଖ ସ୍ୱାଇଁଙ୍କ ସ୍ତ୍ରୀ ରୀତା ସ୍ୱାଇଁ ଓ ସନ୍ତୋଷ ଜେନାଙ୍କ ସ୍ତ୍ରୀ ମାନସୀ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ସୂଚନା ଦେଇଛନ୍ତି ।

## ଏଫ.ଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ନେଇ ସଚେତନତା ପଦଯାତ୍ରା

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର, 'ସଡ଼କ ସୁରକ୍ଷା ମାସ– ୨୦୨୬' ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ଇମାମୀ ପେପର ମିଲ୍ସ ଲିମିଟେଡ଼ ସହଯୋଗରେ ଏକ ସଚେତନତାମୂଳକ ପଦଯାତ୍ରା ଆୟୋଜିତ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦିଗ୍‌ଦର୍ଶନର ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ସଡ଼କ ପରିବହନରେ ଦାୟିତ୍ୱଶୀଳ ବ୍ୟବହାର ଓ ଯାନବାହନ ବ୍ୟବହାର ସମ୍ବନ୍ଧିତ ନିୟମ ପାଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା । ଏହି ପଦଯାତ୍ରା ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଇମାମୀ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା । ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ, ଇମାମୀ ପେପର ମିଲ୍ସର କର୍ମଚାରୀ ଏବଂ ରେମୁଣା କଲେଜର





କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରଛାତ୍ରୀ ଆଦି ପ୍ରାୟ ୨୦୦ରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଉକ୍ତ ପଦଯାତ୍ରାରେ ସଡ଼କ ସୁରକ୍ଷା ପ୍ରତି ସାମୂହିକ ଦାୟିତ୍ୱବୋଧକୁ ସ୍ପଷ୍ଟ ପ୍ରଦର୍ଶନ କରି ଅଂଶଗ୍ରହଣକାରୀଙ୍କ ଦ୍ୱାରା ସ୍ଲୋଗାନ୍ ଓ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମର ଔପଚାରିକ ଉଦ୍‌ଘାଟନ ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତଙ୍କ ଦ୍ୱାରା କରାଯାଇଥିଲା । ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଏବଂ ପ୍ରୋଗ୍ରାମ ଅଫିସର ଡକ୍ଟର ପ୍ରତିମା ପ୍ରଧାନଙ୍କ ସମେତ ଇମାମୀ ପେପର ମିଲ୍ସ ଲିମିଟେଡ଼ର ବରିଷ୍ଠ ଅଧକ୍ଷ ଆଶିଷ ଏ. ଗୁପ୍ତା, ଯାତାୟାତ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଇମାମୀ ପେପର ମିଲ୍ସର ବରିଷ୍ଠ ସୁରକ୍ଷା ପ୍ରବନ୍ଧକ ରଞ୍ଜିତ ଦାସ ପରିଚୟାତ୍ମକ ଭାଷଣ ରଖି ସାଧାରଣ ଜୀବନରେ ସଡ଼କ ସୁରକ୍ଷା ସଚେତନତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପଦଯାତ୍ରା ପରେ ମନ୍ଦିର ପରିସରରେ ଆୟୋଜିତ ସଚେତନତା ସଭାରେ ସମସ୍ତ ଅତିଥି ଅଂଶଗ୍ରହୀମାନଙ୍କୁ ଯାନବାହାନ ନିୟମକାନୁନ୍‌ର କଠୋର ପାଳନ ଓ ସଡ଼କରେ ଦାୟିତ୍ୱଶୀଳ ଆଚରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଆଶିଷ ଏ. ଗୁପ୍ତା କହିଥିଲେ ଯେ ସଡ଼କ ନିୟମ ଶିଖିବା, ପାଳନ କରିବା ଓ କାର୍ଯ୍ୟକାରୀ ଭାବେ ରୂପାୟନ କରିବା ଦୁର୍ଘଟଣା ରୋକିବା ସହ ଅନେକ ମୂଲ୍ୟବାନ ଜୀବନ ରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ, ବିଶେଷକରି ଯୁବପିଢ଼ି ପାଇଁ । କାର୍ଯ୍ୟକ୍ରମର ଶେଷରେ ଇମାମୀ ପେପର ମିଲ୍ସ ଲିମିଟେଡ଼ର ବ୍ୟକ୍ତିଗତ ଓ ଲୋକସମ୍ପର୍କ ବିଭାଗର ଉପମହାପ୍ରବନ୍ଧକ ମନୋଜ ପାଢ଼ୀ ଧନ୍ୟବାଦ ଜ୍ଞାପନ କରି ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଇମାମି ପେପର ମିଲ୍ସ ମଧ୍ୟରେ ସଫଳ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ଏହି କର୍ଯ୍ୟକ୍ରମ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାଜସେବା ଓ ସାମୁଦାୟିକ ଦାୟିତ୍ୱକୁ ପ୍ରମାଣିତ କରିଥିବା ସହ 'ସଡ଼କ ସୁରକ୍ଷା ସମସ୍ତଙ୍କର ସାଧାରଣ ଦାୟିତ୍ୱ' ବୋଲି ବାର୍ତ୍ତା ପ୍ରଦାନ କରିଛି ।

## ଅଗ୍ନିକାଣ୍ଡରେ ଜଳିଗଲା ୧୦ରୁ ଉର୍ଦ୍ଧ୍ୱ ଘର

### ୨୦ ଗୋରୁ ଓ ଶତାଧିକ ଛେଳି ଜୀବନ୍ତ ଦଗ୍ଧ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମରେ ବିଳମ୍ବିତ ରାତିରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ । ଏହି ଅଗ୍ନି କାଣ୍ଡରେ ଜଳିଗଲା ୧୦ରୁ ଉର୍ଦ୍ଧ୍ୱ ଘର ସାଙ୍ଗକୁ ୨୦ ଗୋରୁ, ଶତାଧିକ ଛେଳି ଜିଅନ୍ତା ଦଗ୍ଧ ହେବା ସହିତ ୪ ଶହରୁ ଉର୍ଦ୍ଧ୍ୱ ଧାନ ବସ୍ତା ଓ ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳୁଛି । ଏହି ଅଗ୍ନି କାଣ୍ଡରେ ସନାତନ ନାୟକ, ଜଡ଼ା ନାୟକ, ମାନସ ନାୟକ, ସୁଧାକର ନାୟକ, ଦାଶରଥି ନାୟକ, ଚକ୍ରଧର ନାୟକ ଓ ଗୁଣନିଧି ନାୟକ ୭ ପରିବାର ସମ୍ପୂର୍ଣ୍ଣ ସର୍ବହରା ହୋଇଯାଇଛନ୍ତି । ଅଗ୍ନିକାଣ୍ଡ ପରେ ସାରା ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ଗ୍ରାମବାସୀମାନେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ମଧ୍ୟ ଅଗ୍ନିଶମ ବାହିନୀ ଆସି ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା । ଅଗ୍ନିକାଣ୍ଡ ପରେ ପୀଡ଼ିତ ପରିବାରମାନେ ଖୋଲା ଆକାଶ ତଳେ ରହିବାକୁ ବାଧ୍ୟ ହୋଇଛନ୍ତି । ସରକାରୀ ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ୍ ଯୋଗାଇବା ସହ ପୀଡ଼ିତ ପରିବାର ମାନଙ୍କୁ ଖାଦ୍ୟ ଓ ଅସ୍ଥାୟୀ ଆଶ୍ରୟ ବ୍ୟବସ୍ଥା କରିବାକୁ ଦାବି ଉଠିଛି । ଘଟଣାସ୍ଥଳକୁ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ପହଞ୍ଚି କ୍ଷୟକ୍ଷତିର ଆକଳନ କରୁଥିବା ସୂଚନା ମିଳିଛି । ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ବିଦ୍ୟୁତ୍ ସର୍ଟ ସର୍କିଟ୍ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ପୋଲିସ ଓ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ସାରା ଘଟଣା ପରେ ଛତ୍ରପଦା ଗ୍ରାମରେ ଶୋକ ଓ ଆତଙ୍କର ପରିବେଶ ରହିଛି । ପୀଡ଼ିତ ପରିବାରଙ୍କୁ ସରକାରଙ୍କ ତରଫରୁ ଶୀଘ୍ର ସହାୟତା ଓ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ । ତେବେ ଏହି ଘଟଣା ପରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ତିହିଡି ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସ, ପୂର୍ବତନ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ କାଳରେ ସାଂସଦ ଶ୍ରୀ ସେଠୀ ତିହିଡି ତହସିଲଦାର, ବିଡିଓ ଓ ଉପସ୍ଥିତ ଅନ୍ୟ ଅଧିକାରୀମାନଙ୍କୁ ତୁରନ୍ତ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।



## ବିଜେପିର ବୁଥ୍ ସ୍ତରୀୟ କମିଟି ଗଠନ ପାଇଁ ପରାମର୍ଶ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଭାଜପା ଚୌଦ୍ୱାର ମଣ୍ଡଳର ଏକ ସାଂଗଠନିକ ବୈଠକ ସ୍ଥାନୀୟ କଳା ପ୍ରକାଶିନୀ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ମମତା ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଦଳର କଟକ ଜିଲ୍ଲା ପ୍ରଭାରୀ ଜ୍ଞାନଦେବ ବେଉରା ଏବଂ ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଯୋଗଦେଇ ସଶକ୍ତ ମଣ୍ଡଳ ଗଠନ ପାଇଁ ସମସ୍ତ ବୁଥ୍ କମିଟି ଗୁଡ଼ିକୁ ତୁରନ୍ତ ଗଠନ କରି ପ୍ରତିମାସ ଏହାର ବୈଠକ କରାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଉପ ସଭାପତି ଭାଗିରଥୀ ଦଳାଇ, ରାଜ୍ୟ ପରିଷଦ ସଦସ୍ୟ ଚିରଞ୍ଜିବୀ ଖଣ୍ଡାୟତରାୟ, ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ହୋତା, କାଉନ୍‌ସିଲର ସୁଜାତା ସାହୁ, ସନ୍ତୋଷ ସାହୁ, ଦାମୋଦର ନାୟକ, ଅନୀଲ ଦଳାଇ, ବିଷ୍ଣୁ ଚରଣ ପରିଡ଼ା, ଚିନ୍ମୟ ବେହେରା, ସରିତା ଶୁକ୍ଳ, ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ ବିଶ୍ୱାଳ, ସୁମିତ୍ରା ମହାନତି, ସଚିକାନ୍ତ ନାୟକ, ପ୍ରଦୀପ ଦାସ, ସୁମିତ୍ରା ସାହୁ, ଅନୀତା ନାୟକ, ଲକ୍ଷ୍ମୀନାରାୟଣ ସାହୁ, ଗୌତମ ସାହୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଏଥିରେ ଯୋଗଦେଇଥିଲେ ।

## ରାସ୍ତା ନିର୍ମାଣ କାର୍ଯ୍ୟରେ ଠିକା ସଂସ୍ଥାର ମନମାନିକୁ ଗ୍ରାମବାସୀଙ୍କ ବିରୋଧ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ବର୍ଷର ଅପେକ୍ଷା ପରେ ଉପାନ୍ତ ଅଞ୍ଚଳକୁ ପକ୍କା ରାସ୍ତା ସଂଯୋଗ ହେଉଛି । ହେଲେ ରାସ୍ତା ନିର୍ମାଣ କାର୍ଯ୍ୟରେ ମନମାନି କରୁଛି ଠିକା ସଂସ୍ଥା । ଯାହାକୁ ଘୋର ବିରୋଧ କରି ମେଳି ବାନ୍ଧିଛନ୍ତି ଚାରିଖଣ୍ଡ ଗାଁର ଶହ ଶହ ଲୋକ । ବୋରିଗୁମ୍ମା ବ୍ଲକ ହରଡାଗୁଡା ପଞ୍ଚାୟତରେ ହୋଇଛି ଘୋଟାଲା । ସ୍ୱାଧୀନତା ପରଠୁ ପକ୍କା ରାସ୍ତା ଦେଖିନଥିଲେ ଉପାନ୍ତ ଗାଁ ଲୋକେ । ଏବେ ପକ୍କା ରାସ୍ତା ପାଇଁ ଅନୁଦାନ ଆସିଲା । ତଥ୍ୟ ଅନୁଯାୟୀ, ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପଟାରାଙ୍ଗିଣି ଠାରୁ ହରଡ଼ାଗୁଡା ୩ କିଲୋମିଟର ପକ୍କା ରାସ୍ତା ନିର୍ମାଣ । ପଟା ରଙ୍ଗିଣି ନିକଟରେ ଏକ ବ୍ରିଜ୍ ନିର୍ମାଣ । ଚାନ୍ଦବେଢା ଠାରୁ ରସେଇପଦର ଗାଁ ପର୍ଯ୍ୟନ୍ତ ୬ କିଲୋମିଟର ପକ୍କା ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା । ଏହି ନିର୍ମାଣ କାର୍ଯ୍ୟର ପରିଚାଳନା ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଥିଲା । ଯଦିଓ ଟେଣ୍ଡର ପାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା ଠିକା ସଂସ୍ଥା । କାର୍ଯ୍ୟର ମନ୍ଥରତା କାରଣରୁ ୫ ବର୍ଷ ପରେ ବି ୩୦ ପ୍ରତିଶତ କାର୍ଯ୍ୟ ସରିନାହିଁ । ପଟାରାଙ୍ଗିଣି ନିକଟରେ ବ୍ରିଜ୍ ନିର୍ମାଣ ହୋଇଥିଲେ ବି ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରିନି । ସେହିପରି ପଟାରାଙ୍ଗିଣି ଠାରୁ ରସୋଇପଦର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ କଥାକୁ ନଶୁଣି ମନମାନି କରୁଛି ଠିକା ସଂସ୍ଥା । ବିଭାଗୀୟ ଅଧିକାରୀମାନେ ମଧ୍ୟ ଚୁପ୍ ରହିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଏହି ଦୁଇଟି ରାସ୍ତା ଉପରେ କୋରାପୁଟ ଜିଲ୍ଲାର ହରଡା ଗୁଡା ପଞ୍ଚାୟତର ୧୭ଟି ଗାଁ ଏବଂ ଦଶମନ୍ତପୁର ବ୍ଲକର ୮ଟି ଗାଁର ଗ୍ରାମବାସୀ । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସଠିକ୍ ନହେଲେ ଜିଲ୍ଲାପାଳଙ୍କୁ ଜଣାଇବୁ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ । ବ୍ଲକର ଉପାନ୍ତ ହରଡାଗୁଡ଼ା ଓ ଚମ୍ପାପଦର୍ ପଞ୍ଚାୟତର ଅନେକ ଅପହଞ୍ଚ ଗାଁ ରହିଛି । ହରଡାଗୁଡ଼ାରୁ ପଟାରଙ୍ଗିନି ନଦୀ ଉପରେ ପୋଲ ନଥିବାରୁ ଅନେକ ଲୋକ ଭାସିଯିବା ନଜିର ମଧ୍ୟ ରହିଛି । ପ୍ରଥମ ଥର ରାସ୍ତା ଦେଖିବାର ସ୍ୱପ୍ନ କଲେ ଧୂଳିସାତ୍ ହୋଇଯିବ କାଳେ ରାସ୍ତା ଆଗକୁ ସମ୍ପୂର୍ଣ୍ଣ ନିମ୍ନମାନର ହୋଇଯାଇପାରେ ଏହାକୁ ଲକ୍ଷ୍ୟ କରି ୪ ଗ୍ରାମର ଗ୍ରାମବାସୀ ମେଳି ବାନ୍ଧି ଠିକ୍ ରାସ୍ତା ନିର୍ମାଣର ଦାବି କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଲୋକଙ୍କ ମେଳି ସ୍ଥାନରେ ପହଞ୍ଚି ଠିକ୍ ରାସ୍ତା ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଠିକା ସଂସ୍ଥାର ସୁପରଭାଇଜର । ଏତେ ବର୍ଷର ଅପେକ୍ଷା ପରେ ପ୍ରଥମ କରି ଦୁର୍ଗମ ଅଞ୍ଚଳ ଗୁଡିକୁ ପକ୍କା ରାସ୍ତା ସଂଯୋଗ ହେଉଛି । ନିର୍ମାଣ କାର୍ଯ୍ୟରେ ଠିକା ସଂସ୍ଥାର ମନମାନି କାରଣରୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ । ବିଭାଗୀୟ ଅଧିକାରୀ ଏବଂ ରାଜ୍ୟ ସରକାର ଦୃଷ୍ଟି ଦେଇ ଖୁବ୍ ଶୀଘ୍ର ଉନ୍ନତ ମାନର ରାସ୍ତା ନିର୍ମାଣ କରିବା ଦିଗରେ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

## ସମାଜସେବୀ ସଂଘ ପକ୍ଷରୁ ୧୨୬ ଜଣଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

୭୮ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ମଥୁରାଧିପତି ତ୍ରିପୁର ବିଜୟୀ ମହାରାଜ କଂସାସୁରଙ୍କର ଆଦେଶକୁ ପାଳନ କରି ଜିଲ୍ଲା ସମାଜସେବୀ ସଂଘ ବରଗଡ଼ ଦୀର୍ଘ ୧୧ ଦିନ ଧରି ଧନୁଯାତ୍ରା ଦେଖି ଆସୁଥିବା ମଥୁରା ନଗରୀର ପ୍ରଜାମାନଙ୍କ ପାଇଁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିଥିଲା । ଏହି ଚିକିତ୍ସାରେ ୧୨୬ ଜଣ ପ୍ରଜା ଚିକିତ୍ସିତ ହୋଇ ସୁସ୍ଥ ଅନୁଭବ କରିଛନ୍ତି । ଏହି ପ୍ରାଥମିକ ଚିକିତ୍ସାରେ ଡ଼. ଦାଶ ଶର୍ମା, ସେଭେନ ହିଲ ପାଥୋଲେବର ପ୍ରତିଷ୍ଠାତା ଜଗଦିଶ ସାହୁ ଓ ତାଙ୍କ ସହଯୋଗୀ ଉପସ୍ଥିତ ରହି ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲେଇ ଥିଲେ । ଏହି ସେବା କାର୍ଯ୍ୟ ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ନେତୃତ୍ୱରେ ହୋଇଥିଲା । ସଂଘର ସଦସ୍ୟ ରାଜେଶ ଶର୍ମା, ଜୟନ୍ତ ଭୋଇ, ରାଜେଶ ପୁରୋହିତ, ଅନିଲ ବେହେରା, ଅନିଲ ପ୍ରଧାନ, ଦୀପକ ଦାଶ, ଅନନ୍ତ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଚଉବର୍ଗ ପ୍ରଧାନ, କୀର୍ତ୍ତି ମହାନନ୍ଦ, ଶିବ ଲୁହା, ନାରାୟଣ ସିଂ, ପରମେଶ୍ୱର ନାଥ ମନୋଜ ବାଗ, ମିଠାରାମ ସାହୁ, ମୋହନଲାଲ ଅଗ୍ରୱାଲ, ଧୀରେନ୍ଦ୍ର କୁମାର ପୃଷ୍ଟି, ହାରମିତ ସିଂ, ଅନିଲ ପାଇକ, ରତନ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ପ୍ରତ୍ୟେକ ଦିନ ମଥୁରାନଗରୀ ରଙ୍ଗ ମହଲ ପରିସରରେ ସଫେଇ ଅଭିଯାନ କରାଯାଇଥିଲା । ମହାରାଜ କଂସ ଆମ ସଂଘକୁ ଯୋଗ୍ୟ ଭାବି ଏହି ସବୁ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ଦେଇଥିବାର ମହାରାଜ କଂସଙ୍କୁ ଏବଂ ଧନୁଯାତ୍ରା କମିଟିର ସଭାପତି ତଥା ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଜିଲ୍ଲା ସମାଜସେବୀ ସଂଘ ତରଫରୁ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

## ସଂଖ୍ୟାଲଘୁଙ୍କ ବିକାଶ ପାଇଁ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଭାରତ ବର୍ଷରେ ବିଭିନ୍ନ ସମ୍ପ୍ରଦାୟ, ଜାତି, ଭାଷା, ସଂସ୍କୃତି ମଧ୍ୟରେ ଅନେକ ବିବିଧତା ଦେଖିବାକୁ ମିଳେ । ଭାରତର ଦ୍ୱିତୀୟ ବୃହତମ ସମ୍ପ୍ରଦାୟ ମୁସଲମାନଙ୍କ ମଧ୍ୟରେ ଅନେକ ବିବିଧତା ରହିଛି । ଭାରତର ସ୍ୱାଧୀନତା ପରବର୍ତ୍ତି କାଳରେ ମୁସଲମାନମାନେ ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି କ୍ଷେତ୍ରରେ ଅନେକ ଆହ୍ୱାନ୍ ସମ୍ମୁଖୀନ ହୋଉଛନ୍ତି । ଏହିଭଳି ପଛୁଆ ମୁସଲମାନଙ୍କୁ ପସମନ୍ଦା କୁହାଯାଏ । ସଂଖ୍ୟାଲଘୁ ସମ୍ପ୍ରଦାୟ ମୁସଲମାନ ମାନଙ୍କ ଉତ୍ଥାନ ତଥା ଦେଶର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଭାରତ ସରକାର ୧୫ ସୂଚୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଯାହାକୁ ମୁସମାନ ସମ୍ପ୍ରଦାୟ ପକ୍ଷରୁ ସ୍ୱାଗତ କରାଯାଇଛି । ଏ ସମ୍ପର୍କରେ ଧର୍ମଶାଳା ବ୍ଲକ ନେଉଳପୁର ଗ୍ରାମରେ ପଛୁଆବର୍ଗ ମୁସଲମାନ ବା ପସମନ୍ଦା ମାନଙ୍କର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅଲ ଇଣ୍ଡିଆ ପସମନ୍ଦା ମୁସଲିମ ସମାଜ ଆୟୋଜନ କରିଥିଲେ । ସେକ୍ ଗୁଲଫାମ ଅଲ୍ଲୀଙ୍କ ତତ୍ତ୍ୱାବଧାନ ଓ ସେକ୍ ସଖାଓ୍ୱାତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ହାସୀମ ଖାନ୍, ସେକ୍ ଇଲିୟାସ ଓ ଆସିଫ ଖାନ୍ ଯୋଗଦେଇ ସଂଖ୍ୟାଲଘୁମାନଙ୍କ ପାଇଁ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନା ଉପରେ ଲୋକମାନଙ୍କୁ ବିସ୍ତୃତ ଭାବେ ଜଣାଇଥିଲେ । ଗୁଲଫାମ ଅଲ୍ଲୀ ସରକାରଙ୍କ ବିଭିନ୍ନ ଯୋଜନା ତଥା 'ନେୟୀ ରୋଶନୀ' ଯୋଜନାରେ ସଂଖ୍ୟାଲଘୁ ଶ୍ରେଣୀର ମହିଳାମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ କରିବା ତୃତୀୟ ପଢ଼ୋ ପରଦେଶ ଏହି ଯୋଜନା ଶିକ୍ଷାର ସ୍ୱପ୍ନକୁ ସାକାର କରିବା ପାଇଁ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କୁ ବିଦେଶରେ ପଢିବା ପାଇଁ ଋଣ ଯୋଗାଇବା ତୃତୀୟ ଯୋଜନା ହେଲା 'ଉସ୍ତାଦ' ଏହି ଯୋଜନାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ନିଜ କୌଶଳର ବିକାଶ ତଥା ବଜାର ସୁବିଧା ଯୋଗାଇଦେବ । 'ଶିଖୋ ଔର କମାଓ' ଯୋଜନାରେ ସଂଖ୍ୟାଲଘୁ ସମୁଦାୟର ବେକାର ଯୁବକ ଯୁବତୀଙ୍କୁ ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶିଳ କରାଇବା । ସେହିପରି ସରକାରଙ୍କ 'ହୁନର୍ ହାଟ' ଯୋଜନାରେ ସଂଖ୍ୟାଲଘୁ କାରିଗରମାନେ ତାଙ୍କ କଳାକୁ ଉପଯୁକ୍ତ ମଞ୍ଚରେ କିପରି ପ୍ରଦର୍ଶନ କରିପାରିବେ । ଭାରତ ସରକାର ସଂଖ୍ୟାଲଘୁ ସମୁଦାୟଙ୍କୁ ସଶକ୍ତ କରିବା ଓ କଲ୍ୟାଣ ପାଇଁ ଏହି ୧୫ ସୂଚୀ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେଇଛନ୍ତି । ଏହାଦ୍ୱାରା ପଛୁଆବର୍ଗ ସଂଖ୍ୟାଲଘୁ ପସମନ୍ଦା ଶ୍ରେଣୀ ଏହାର ଲାଭ ଉଠାଇବା ସହିତ ପସମନ୍ଦା ମୁସ୍‌ଲିମ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ଚାକରି କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସେକ୍ ଆଲ୍ଲାଉଦ୍ଦିନ, ସେକ୍ ଅଜମଲହକ୍ ଓ ନେଉଳପୁର ଗ୍ରାମର ଯୁବକ ଓ ମୁରବି ମାନେ ସହଯୋଗ କରିଥିଲେ ।





## ତିର୍ତ୍ତୋଲରେ ଜନ ଶୁଣାଣି:୨୨ ଅଭିଯୋଗର ତତ୍କାଳ ସମାଧାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ସୋମବାର ମୋଟ୍ ୬୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୩ ଟି, ଆବାସ ଯୋଜନା ସମ୍ପର୍କୀୟ ୮ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ଟି, ଭତ୍ତା ପାଇବା ପାଇଁ ୩ଟି, ପୋଲିସ ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବି ନାରାୟଣ ଜେଠି, ଉପ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ବ୍ଲକ୍ ଉନ୍ନୟନ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ୍ ତହସିଲଦାର, ତିର୍ତ୍ତୋଲ, ମହେଶ୍ୱର ବେହେରା, ବ୍ଲକ ଅଧକ୍ଷ ମନୋଜ ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ବିଦେଶୀ ମଦ ଜବତ:୩ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଅବକାରୀ ବିଭାଗ ପକ୍ଷରୁ ରଣ୍ତାପାଲି ଓ ସାନକାଉଡି ଅଞ୍ଚଳରେ ଚଢଉ କରାଯାଇ ବିଦେଶୀ ମଦ ଜବତ କରାଯାଇଛି । ସାନକାଉଡି ଗ୍ରାମର ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ପରେ ଅବକାରୀ ବିଭାଗ ପକ୍ଷରୁ ସାନକାଉଡି ଅଞ୍ଚଳରେ ଚଢଉ କରାଯାଇଥିଲା । ସାନ କାଉଡି ଅଞ୍ଚଳର ବିଜୟ ବାଲା ଠାରୁ ୧୫ ଲିଟିର ବେଦେଶୀ ମଦ ଜବତ କରାଯାଇଥିଲା । ସେହିପରି ରଣ୍ତାପାଲି ଗ୍ରାମର ନବ କିଶୋର ନାୟକଙ୍କୁ ଗିରଫ କରି ୧୩.୨୦୦ ଲିଟର ବିୟର, ୧.୮ ଲିଟର ବିଦେଶୀ ମଦ, ୪ ଲିଟିର ଦେଶି ମଦ, ସେହିପରି ରଣ୍ତାପାଲି ଗ୍ରାମର ଜିତୁ ବାହାଦୁର ଠାରୁ ୧୦ ଲିଟର ବିୟର, ୧.୪୪ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏହି ଚଢଉରେ ତହସିଲଦାର ସବ୍ୟସାଚୀ ଜେନା, ଅବକାରୀ ଥାନା ଅଧିକାରୀ ସୁବ୍ରତ କିଶୋର ହିରଣଙ୍କ ସମେତ ଡିଏଫ୍‌ଏସ୍ ଟିମ୍ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

## ଦୁର୍ବୃତ୍ତର ଅସ୍ତ୍ର ଚୋଟରେ ଯୁବକ ଗୁରୁତର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦରଥାନା ଅନ୍ତର୍ଗତ ଶିଆଡିମାଳ ଗ୍ରାମରେ ଏକ ସଭାସ୍ଥଳରେ ଜଣେ ଯୁବକକୁ ଆକ୍ରମଣ ହୋଇଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି । ପୋଲିସ ସୂଚନା ଅନୁଯାୟୀ ଶିଆଡିମାଳ ଠାରେ ରଣା ସମାଜର ଏକ ବୈଠକ ଚାଲିଥିଲା । ସେଠାରେ ଶିଆଡିମାଳ ଗ୍ରାମର ରାଜେନ୍ଦ୍ର ଶିଙ୍ଗାରୀ ଓ ପିତାମ୍ବର ଦଣ୍ଡସେନା କଥାହେଉଥିବା ସମୟରେ ପଛପଟୁ ଅଭିଯୁକ୍ତ ଆସି ଏକ ଧାରୁଆ ଅସ୍ତ୍ରରେ ମୁଣ୍ଡରେ ଆଘାତ ଦେଇଥିଲେ । ଫଳରେ ଅତ୍ୟଧିକ ରକ୍ତସ୍ରାବ ହେବାଫଳରେ ସ୍ଥାନୀୟ ଲୋକେ ତୁରନ୍ତ ରାଜେନ୍ଦ୍ରଙ୍କୁ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରି ଚିକିତ୍ସା କରିଥିଲେ । ରାଜେନ୍ଦ୍ର ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ସଦର ପୋଲିସ ଏକ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ସଦର ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ ଉପରେ ଲାଗୁ କରିଥିବା ଶୁଳ୍କ ପାଇଁ ମୋଦି ମୋ ଉପରେ ଅସନ୍ତୁଷ୍ଟ-ଟ୍ରମ୍ପ

ଭାରତ ଉପରେ ବାରମ୍ବାର ଲଗାଇଥିବା ଅତ୍ୟଧିକ ତାରିଫ୍ ଟ୍ରମ୍ପଙ୍କୁ ଅଡୁଆରେ ପକାଇଛି। ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ଆଲୋଚନା କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଅଛି, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ରୁଷୀୟ ତୈଳ କ୍ରୟ ପାଇଁ ଭାରତ ଉପରେ ଲାଗୁ ହୋଇଥିବା ଭାରୀ ଶୁଳ୍କ ଉପରେ ଅସନ୍ତୁଷ୍ଟ।
ହାଉସ୍ ରିପବ୍ଲିକ୍ ସଦସ୍ୟଙ୍କ ରିଟ୍ରିଟ୍ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତାଙ୍କର ଆଲୋଚନାକୁ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ଆମେରିକା-ଭାରତ ସମ୍ପର୍କ ବନ୍ଧୁତ୍ୱପୂର୍ଣ୍ଣ ରହିଛି, କିନ୍ତୁ ଶୁଳ୍କ ପ୍ରସଙ୍ଗ ଉତ୍ତେଜନା ସୃଷ୍ଟି କରୁଛି। ସେ ପ୍ରତିରକ୍ଷା ଚୁକ୍ତି ଏବଂ ଶୁଳ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତାଙ୍କର ଆଲୋଚନା ବିଷୟରେ ମଧ୍ୟ କହିଥିଲେ। ଟ୍ରମ୍ପ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମୋର ବହୁତ ଭଲ ସମ୍ପର୍କ ଅଛି, କିନ୍ତୁ ସେ ମୋ ଉପରେ ଅସନ୍ତୁଷ୍ଟ କାରଣ ଭାରତ ଅଧିକ ଶୁଳ୍କ ଦେଉଛି। ତଥାପି, ସେମାନେ ଏବେ ଋଷରୁ ସେମାନଙ୍କର ତୈଳ କ୍ରୟକୁ ଯଥେଷ୍ଟ ହ୍ରାସ କରିଛନ୍ତି।" ଆମେରିକା ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଯାହାର ୨୫ପ୍ରତିଶତ ରୁଷ ତେଲ କ୍ରୟ କରିବା ଯୋଗୁଁ। ଆମେରିକା ବିଶ୍ୱାସ କରେ ଯେ ଋଷରୁ ତେଲ କ୍ରୟ କରି ଭାରତ ପରୋକ୍ଷ ଭାବରେ ରୁଷର ଅର୍ଥନୀତିକୁ ମଜବୁତ କରୁଛି ଯେତେବେଳେ ଋଷ-ୟୁକ୍ରେନ ଯୁଦ୍ଧ ଜାରି ରହିଛି। ଟ୍ରମ୍ପଙ୍କ ଏହି ବୟାନ ଚେତାବନୀ ଦେବାର ଗୋଟିଏ ଦିନ ପରେ ଆସିଛି ଯେ ଯଦି ଭାରତ ଋଷରୁ ତୈଳ ଆମଦାନୀ ବିଷୟରେ ଆମେରିକାର ଚିନ୍ତାକୁ ସମାଧାନ କରେ ନାହିଁ, ତେବେ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ଆହୁରି ବୃଦ୍ଧି କରାଯାଇପାରେ। ଟ୍ରମ୍ପ କହିଥିଲେ, "ମୋଦୀ ଜାଣିଥିଲେ ମୁଁ ଖୁସି ନୁହେଁ। ସେ ମୋତେ ଖୁସି କରିବାକୁ ଚାହୁଁଥିଲେ। ମୋଦୀ ଜଣେ ବହୁତ ଭଲ ବ୍ୟକ୍ତି।" ତାଙ୍କ ଭାଷଣରେ, ଟ୍ରମ୍ପ ମଧ୍ୟ ଶୁଳ୍କ ନୀତିକୁ ସମର୍ଥନ କରି କହିଥିଲେ ଯେ ଏହା ଆମେରିକାକୁ ଆର୍ଥିକ ଭାବରେ ଲାଭ ଦେଉଛି। ସେ ଏହା ମଧ୍ୟ କହିଥିଲେ ଯେ ଆମେରିକା ନିଜ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଶୁଳ୍କ ବ୍ୟବହାର କରୁଛି। ସାମ୍ପ୍ରତିକ ସମୟରେ, ଟ୍ରମ୍ପ ଭାରତ ଉପରେ ଋଷଠାରୁ ତେଲ କିଣିବା ନେଇ ନିରନ୍ତର ଚାପ ପକାଇ ଆସୁଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଶସ୍ତା ଋଷ ତେଲ କିଣି ଭାରତ ଋଷକୁ ଆର୍ଥିକ ସହାୟତା ପ୍ରଦାନ କରୁଛି। ଏହି କାରଣରୁ ଭାରତୀୟ ଉତ୍ପାଦଗୁଡ଼ିକ ଉପରେ ଅଧିକ ଶୁଳ୍କ ଲଗାଯାଇଛି।

# ଅଗ୍ନିକାଣ୍ଡ ମଣିଷକୃତ ଦାୟିତ୍ୱହୀନତା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ନିକଟ ଅତୀତରେ ହଂକଂ, ଗୋଆ ଏବଂ ସ୍ୱିଜରଲ୍ୟାଣ୍ଡରେ ଭୟାବହ ଅଗ୍ନିକାଣ୍ଡରେ ମୃତାହତ ଓ କ୍ଷୟକ୍ଷତି ମଣିଷକୃତ ଅବହେଳା ବା ଦାୟିତ୍ୱହୀନତାରୁ ହୋଇଥିବା କୁହାଯାଇପାରିବ। ନୂତନ ବର୍ଷ ପାଳନରେ ସମଗ୍ର ବିଶ୍ୱ ମଜ୍ଜିଯାଇଥିବାବେଳେ ସ୍ୱିଜରଲ୍ୟାଣ୍ଡର କ୍ରାନସ ମଣ୍ଟାନୀ ସହରରେ ଏକ ସ୍କିରିସର୍ଟ ବାରରେ ଭୟାବହ ଅଗ୍ନିକାଣ୍ଡ ଘଟି ୪୦ଜଣଙ୍କ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ଶତାଧିକ ଲୋକ ଗୁରୁତର ଆହତ ହେବା ୨୦୨୬ରେ ପ୍ରଥମ ଅଗ୍ନିକାଣ୍ଡ ଘଟଣା। ଏହି ଅଗ୍ନିକାଣ୍ଡର କାରଣ ଜଣାପଡିନଥିଲେ ମଧ୍ୟ ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ କାଠରେ ନିର୍ମିତ ଛାତ, ୱେଟରମାନେ ସାମ୍ପେନ ବୋତଲ ସହ ବାଣ ଏବଂ ମହମବତୀ ଧରି ସେଥିରେ ଅଗ୍ନି ସଂଯୋଗ କରି କଳାକୌଶଳ ପ୍ରଦର୍ଶନ କରିବା ଏହି ଭୟାବହ ଅଗ୍ନିକାଣ୍ଡ ଟ୍ରାଜେଡିର ମୁଖ୍ୟକାରଣ। ଏହା ନିସନ୍ଦେହ ଯେ, ସାମ୍ପେନ ଭର୍ତ୍ତି ବୋତଲ, ବାଣ ଓ ମହମବତୀର ଏକାଠି ରଖିବା ସର୍ବଦା ବର୍ଜନୀୟ ଏବଂ ଅନୁଚିତ କାର୍ଯ୍ୟ ହୋଇଥିବାବେଳେ ଏହି ଦହନଶୀଳ ସାମଗ୍ରୀଗୁଡିକୁ ଏକତ୍ର ରଖିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଯେଉଁଥିରୁ ଭୟାବହ ବିସ୍ଫୋରଣ ସହ ଅଗ୍ନିକାଣ୍ଡ ଘଟି ୪୦ ଅମୂଲ୍ୟ ଜୀବନ ଯାଇଛି। ସେହିପରି ଗତ ମାସରେ ଗୋଆରେ ଏକ କାଠ ନିର୍ମିତ କକ୍ଷ୍ୟରେ ମନୋରଂଜନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ହଠାତ ଅଗ୍ନିକାଣ୍ଡ ଘଟି ୨୫ଜଣ ଜୀବନ ଦଗଧ୍ ହୋଇଥିଲେ। ଆହୁରି ମଧ୍ୟ ଗଲା ବର୍ଷ ନଭେମ୍ବର ମାସରେ ହଂକଂର ୱାଙ୍ଗ ଫୁକ୍ କୋର୍ଟରେ ବାଉଁଶରେ ନିର୍ମିତ ମଞ୍ଚରୁ ଅଗ୍ନିକାଣ୍ଡ ଘଟି ୧୬୧ ଜଣ ଜୀବନ୍ତ ଦଗଧ୍ ହୋଇଥିଲେ। କହିବା ବାହୁଲ୍ୟ ଯେ, ଉତ୍ସବ ପାଇଁ ନିର୍ମିତ ମଞ୍ଚ ଶୁଖିଲା ବାଉଁଶରେ ନିର୍ମିତ ହୋଇଥିବାବେଳେ ନଡାରେ ଛପର ହୋଇଥିଲା ଅତ୍ୟନ୍ତ ଦହନଶୀଳ। ସାଧାରଣତଃ ଭାରତରେ କାଠ, ବାଉଁଶ, ନଡାର ବ୍ୟବହାର ଅଧିକ। ଏହି ତିନି ସାମଗ୍ରୀରେ ଭାରତରେ ବାସଗୃହ ନିର୍ମାଣ କରାଯାଇଥାଏ। ପରିଣତି ସ୍ୱରୁପ ଗ୍ରୀଷ୍ମ କାଳରେ ଘର ପୋଡି, ଏକ ସାଧାରଣ ଘଟଣା ଭାବେ ରହି ଆସିଥିଲା। ପ୍ରଶ୍ନ ଉଠୁଛି ଦହନଶୀଳ ସାମଗ୍ରୀ କାଠ, ବାଉଁଶ ଏବଂ ନଡାରେ ନିର୍ମିତ ଆମୋଦ ପ୍ରମୋଦ କିମ୍ବା ସମ୍ମିଳନୀ କକ୍ଷକୁ କର୍ତ୍ତୃପକ୍ଷ ଅନୁମତି ଦେଲେ କିପରି ? ଅଗ୍ନିକାଣ୍ଡ ଦାଉରୁ ରକ୍ଷା ପାଇବା ପାଇଁ ଏବେ ଭାରତରେ ବାଲି, ସିମେଣ୍ଟ, ଇଟାରେ ବାସଗୃହ ନିର୍ମାଣ ହେଉଛି। କିନ୍ତୁ ୨୦୧୭ ମସିହାରେ ଲଣ୍ଡନର ଗ୍ରୀନଫେଲ ଟାୱାରର ଅଗ୍ନିକାଣ୍ଡ ଘଟି ୭୧ଜଣଙ୍କର ଜୀବନ ଯାଇଥିଲା। ଏକ ରେଫ୍ରିଜେଟରରେ ଅଗ୍ନିକାଣ୍ଡ ଘଟି ସମସ୍ତ ୨୪ମହଲା ବିଶିଷ୍ଟ କୋଠାକୁ ବ୍ୟାପୀ ଯାଇଥିଲା। କହିବା ବାହୁଲ୍ୟ ଯେ, ସମଗ୍ର ଟାୱାରଟି ଦନହଶୀଳ ଆଲୁମିନିୟମର ଏକ ମିଶ୍ରଣ ପ୍ରଲେପ ଦିଆଯାଇଥିଲା। ଏବେ ଏହି ମିଶ୍ରଣ ଭାରତରେ ବଡ ବଡ ବାଣିଜ୍ୟିକ କୋଠାରେ ବ୍ୟବହୃତ ହେଉଥିବା କୁହାଯାଏ। ଏଭଳି ଉପକରଣ ସାଧାରଣତଃ ଷ୍ଟୋଭର ବର୍ଣ୍ଣର, ସିଲିଣ୍ଡର ଏବଂ ଚୁଲି, ଭାଟି ଆଦିରେ ବ୍ୟବହୃତ ହୋଇଥାଏ। ଆହୁରି ମଧ୍ୟ ବିଦ୍ୟୁତ ସଟସର୍କିଟ ଆକସ୍ମିକ ଅଗ୍ନିକାଣ୍ଡର ଆଉ ଏକ ମୁଖ୍ୟ କାରଣ ଭାବେ ସାଂପ୍ରତିକ ସମୟରେ ଉଭା ହୋଇଛି। ୧୯୦୩ ମସିହାରେ ଚିକାଗୋରେ ଏକ ଦୁଇ ଟାୱାର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ତରଳି ଯାଇଥିବାବେଳେ ୬୦୦ରୁ ଅଧିକ ଲୋକଙ୍କର ଜୀବନ ହାନୀ ଘଟିଥିଲା। ଆମ ଭାଷାରେ ଏକ ପ୍ରବାଦ ରହିଛି, ଘର ପୋଡିଠାରୁ ବିପଦ ନାହିଁ କି ଘୋଡା ଚଢାଠାରୁ ସମ୍ପତ୍ତି ନାହିଁ। ଅଗ୍ନିକାଣ୍ଡରେ ବ୍ୟାପକ ଜୀବନ ଯାଏ, ବିପନ୍ନଙ୍କ ପରିବାର ବରବାଦ୍ ହୋଇଯାଏ ଏବଂ ଅଗ୍ନିକାଣ୍ଡର ଭୟ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥାଏ, ଯାହାକି ଗୋଆ, ହଂକଂ ଏବଂ ସ୍ୱିଜରଲ୍ୟାଣ୍ଡର ସ୍କିରିସର୍ଟରେ ଏବେ ଧାରଣା ସୃଷ୍ଟି କରିଛି। ଆମ ଦେଶରେ ବଡ ବଡ ମେଡିକାଲରେ ଅଗ୍ନିକାଣ୍ଡ ଏବେ ସାଧାରଣ ଘଟଣାରେ ପରିଣତ ହୋଇଥିବା କହିଲେ ଅତିରଞ୍ଜିତ ହୋଇନପାରେ। ଏଭଳି ଅଗ୍ନିକାଣ୍ଡ କେବଳ ମଣିଷକୃତ ଅବହେଳା, ଦାୟିତ୍ୱହୀନତାର କାରଣ। ନୂତନ ବର୍ଷ ୨୦୨୬ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ବିଶ୍ୱବ୍ୟାପୀ ସମସ୍ତ ରାଷ୍ଟ୍ର କଡାକଡି ଭାବେ ପାଳନ କରିବେ ବୋଲି ଆମେ ଆଶା କରିବା।

# ଜାତି ଥେରାପି



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

କଣ୍ଟାକୁ କଣ୍ଟାରେ କଢାଯାଏ। ସର୍ପ ବିଷର ପ୍ରତିଷେଧକ ସର୍ପ ବିଷରୁ ତିଆରି କରାଯାଏ। ବସନ୍ତ ରୋଗର ପ୍ରତିଷେଧକ ବସନ୍ତ ରୋଗର ଜୀବାଣୁରୁ ତିଆରି ହୁଏ। ହୋମିଓପ୍ୟାଥି ଚିକିତ୍ସାରେ ରୋଗର ମାତ୍ରା ବଢାଇ ଚିକିତ୍ସା କରାଯାଏ। ଫଳରେ ଦେହରେ ସେହି ରୋଗ ବିରୁଦ୍ଧରେ ପ୍ରତିଷେଧକ ତିଆରି ହୁଏ। ଠିକ୍ ସେହିପରି ଭାରତବର୍ଷରେ ଜାତିପ୍ରଥା ରୂପକ ଯେଉଁ ଭୟଙ୍କର ବ୍ୟାଧି କାୟା ବିସ୍ତାର କରିଛି ତାହାର ସମାପ୍ତି ପାଇଁ ସେହି ଜାତିର ପ୍ରୟୋଗ ସର୍ବାପେକ୍ଷା ଅଧିକ ଫଳପ୍ରଦ ମାର୍ଗ। ଚିକିତ୍ସା ବିଜ୍ଞାନର ଭାଷାରେ ଏହାକୁ 'ଜାତି ଥେରାପି' ବୋଲି କୁହାଯାଇପାରେ। ଏବେ ଦେଶରେ ଜାତି ଥେରାପିର ଆବଶ୍ୟକତା ପଡିଛି ଏହି ବ୍ୟାଧିରୁ ମୁକ୍ତି ପାଇଁ। ଏହାର ପ୍ରାରମ୍ଭ ହୋଇଯାଇଛି ପରି ମନେହୁଏ।

ସମ୍ବିଧାନ ନିର୍ମାତାମାନେ ଏକଥାକୁ ଠିକଭାବେ ବୁଝିଥିଲେ। ତେଣୁ ଜାତିକୁ ସ୍ୱୀକୃତିଦେଇ ଅନଗ୍ରସର ଜାତିସମୂହର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏମାନେ ଜାତିଗୋଷ୍ଠୀ ତିଆରିକରି ସଂରକ୍ଷଣ ମାଧ୍ୟମରେ ବିକଶିତ ହେବାର ବ୍ୟବସ୍ଥା କରିଥିଲେ। ଯାହା ଫଳରେ ସମ୍ବିଧାନ ସମ୍ମତଭାବେ ସାମାଜିକ ଓ ଆର୍ଥିକ ସ୍ଥିତିର ତାରତମ୍ୟକୁ ଦେଖି ଏମାନଙ୍କୁ ଅନୁସୂଚୀତ ଜନଜାତି(ଏସଟି), ଅନୁସୂଚୀତ ଜାତି (ଏସସି) ଓ ଅନ୍ୟାନ୍ୟ ପଛୁଆବର୍ଗ(ଓବିସି) ଭାବେ ବର୍ଗୀକରଣ କରାଯାଇଛି। ଏଠାରେ ଜାତି ବିରୁଦ୍ଧରେ ଜାତିଗୋଷ୍ଠୀର ପ୍ରୟୋଗ ହୋଇଛି। ଅର୍ଥାତ୍ ଜାତି ଥେରାପିର ଉପଯୋଗ ହୋଇଛି। ଗୋଟିଏ କଥା ସ୍ପଷ୍ଟ ଯେ କେବଳ ଭାଷଣବାଜିରେ ଜାତି ହଟିବ ନାହିଁ। ଏହା ହଟିବ ଅନଗ୍ରସର ଜାତିସମୂହର ବିକାଶ ଓ ପ୍ରତ୍ୟେକ ବିଭାଗରେ ସେମାନେ ସମାନ ଭାଗୀଦାରୀ ପ୍ରାପ୍ତ ହେବା ଦ୍ୱାରା। କାରଣ ବର୍ତ୍ତମାନର ଜାତିବ୍ୟବସ୍ଥା ବଞ୍ଚିଛି ସାମାଜିକ ଓ ଆର୍ଥିକ ବିକାଶର ତାରତମ୍ୟରୁ ଜାତ ଅହଙ୍କାର ଯୋଗୁ। ଏହି ଅହଙ୍କାର ସେହିଦିନ ଧ୍ୱଂସହେବ ଯେଉଁଦିନ ଅନଗ୍ରସର ଜାତିସମୂହ ବିକଶିତ ହୋଇ ଅଗ୍ରସର ଜାତିସମୂହ ସହିତ ସମକକ୍ଷ ହୋଇଯିବେ।

ତେଣୁକରି ଯେଉଁମାନେ ଜାତି ଆଧାରରେ ସମାନ ଅଧିକାର ପାଇଁ ଲଢୁଛନ୍ତି ସେମାନଙ୍କୁ ଜାତିବାଦୀ ବୋଲି କୁହାଯାଇ ପାରିବ ନାହିଁ। ଅନେକ ସମୟରେ ଏମାନେ ପ୍ରଚଳିତ ସାମାଜିକ ତାଡନାର ଶୀକାର ହୋଇ ଜାତି ସଂଗଠନ ମାଧ୍ୟମରେ କିଛି ପାଇବାକୁ ଚେଷ୍ଟା କଲେ ତାଙ୍କୁ ଜାତିବାଦୀ ବୋଲି ଜୋରରେ ପ୍ରଚାର ହୁଏ। ଅନ୍ୟ ପକ୍ଷରେ ଜାତି ଆଧାରରେ ଏମାନଙ୍କୁ ତାଙ୍କ ସମାନ ଅଧିକାରରୁ ବଞ୍ଚିତ କଲେ ତାଙ୍କୁ ଜାତିବାଦୀ କୁହାଯାଏ ନାହିଁ। ବରଂ ଅଭିଯୋଗକାରୀ ପ୍ରଗତିବାଦୀର ଆଖ୍ୟା ନେଇ ସମାଜରେ ଘୂରିବୁଲନ୍ତି। ଯେଉଁ ଦଳିତମାନଙ୍କୁ ମନ୍ଦିର ପ୍ରବେଶ କରିବାକୁ ଦିଆଯାଏ ନାହିଁ ଓ ଧାର୍ମିକ କାର୍ଯ୍ୟକ୍ରମମାନଙ୍କରେ ଭାଗ ନେବାକୁ ଦିଅଯାଏ ନାହିଁ ସେମାନେ ଏ ଅଧିକାର ମାଗିଲେ ତାଙ୍କୁ ଜାତିବାଦୀ କୁହାଯାଏ। ଯେଉଁ ଆଦିବାସୀମାନେ ସଂଗଠିତ ହୋଇ ଜୀବନଧାରଣର ସର୍ବନିମ୍ନ ସୁବିଧା ସୁଯୋଗ ମାଗନ୍ତି ତାଙ୍କୁ ଜାତିବାଦୀ କୁହଯାଏ। ନିଜର ଆଦିମ ପରମ୍ପରା ମୁତାବକ ଜଳ, ଜମି ଓ ଜଙ୍ଗଲ ଉପରେ ଏମାନେ ଯେତେବେଳେ ସାମୂହିକ ମାଲିକାନା ଦାବିକରନ୍ତି ତାଙ୍କୁ ଜାତିବାଦୀ କୁହାଯାଏ। ଓବିସିମାନେ ନିଜର ସଂଖ୍ୟାନୁପାତରେ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ମାଗିଲେ ତାଙ୍କୁ ଜାତିବାଦୀ କୁହାଯାଏ। କୌଣସି ଜାତି ରାଜନୈତିକ ପ୍ରତିନିଧିତ୍ୱରୁ ବଞ୍ଚିତ ହୋଇ ପ୍ରତିନିଧିତ୍ୱ ଦାବୀ ଉଠାଇଲେ ସେ ଜାତିବାଦୀ। ଅଥଚ ଯେଉଁମାନେ ଏମାନଙ୍କୁ ଏ ସୁବିଧାରୁ ବଞ୍ଚିତ କରନ୍ତି ସେମାନେ ହେଉଛନ୍ତି ପ୍ରଗତିବାଦୀ ବୋଲି ଧାରଣା ସୃଷ୍ଟି କରନ୍ତି। ପ୍ରକୃତପକ୍ଷେ ଏମାନେ ହେଉଛନ୍ତି ଅସଲ ଜାତିବାଦୀ। ପ୍ରଗତିବାଦୀ ମୁଖାତଳେ ଏମାନଙ୍କ ଜାତିବାଦୀ ଚେହେରା ଲୁଚିଥାଏ। ଏମାନେ ସମତାଭିତ୍ତିକ ସମାଜକୁ ଗ୍ରହଣ କରିପାରନ୍ତି ନାହିଁ। ସାମ୍ବିଧାନିକ ବ୍ୟବସ୍ଥାକୁ ମଧ୍ୟ ମାନନ୍ତି ନାହିଁ।

ପ୍ରଗତିବାଦୀ ମୁଖାତଳେ ଲୁଚିଥିବା ଏହି ଜାତିବାଦୀ ଗୋଷ୍ଠୀ ସଂରକ୍ଷଣ ବ୍ୟବସ୍ଥା ବିରୁଦ୍ଧରେତ ଜୋରସୋରରେ ପ୍ରଚାର କରନ୍ତି, କିନ୍ତୁ ଜାତି ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି ନାହିଁ। ଜାତିକୁ ହଟାଇବା ପାଇଁ ଏମାନଙ୍କ ନିକଟରେ କୌଣସି ଏଜେଣ୍ଡା ନଥାଏ। ଏମାନେ ପୁଣି ବହୁଭାଗରେ ବିଭକ୍ତ। କିଏ ହେତୁବାଦୀ ତ କିଏ ତର୍କବୁଦ୍ଧିବାଦୀ, କିଏ ବିଜ୍ଞାନବାଦୀ ତ କିଏ ମାନବବାଦୀ। ଜାତି କଥା କହିଲେ ଏମାନଙ୍କ ମୁହଁ ବନ୍ଦ ହୋଇଯାଏ। ବେଶୀ ପ୍ରଶ୍ନକଲେ କହନ୍ତି ଆମେ ଜାତିରେ ବିଶ୍ୱାସ କରୁନା। ତୁମ ପାଖରେ ଜାତିକୁ ଉଠାଇବା ପାଇଁ କିଛି ଏଜେଣ୍ଡା ଅଛି ନା ନାହିଁ ପ୍ରଶ୍ନ କଲେ ମୁହଁ ଚୁପ୍। ସଭା ସମିତିରେ ସିନା ଏମାନେ ଜାତିବାଦ ବିରୁଦ୍ଧରେ ଭାଷଣ ଦିଅନ୍ତି, କିନ୍ତୁ ଘରକୁ ଗଲେ ସବୁକିଛି ପୂର୍ବପରି। ନା ଏମାନେ ଦେହରେ ଥିବା ଜାତିଗତ ଚିହ୍ନକୁ ଛାଡିପାରନ୍ତି, ନା ନାମ ପଛର ଜାତିସୂଚକ ଟାଇଟେଲକୁ ଛାଡିପାରନ୍ତି। ଧର୍ମ ଓ ସଂସ୍କୃତିର ଆଳରେ ନିଜର ଜାତିଗତ ସ୍ୱତନ୍ତ୍ରତାକୁ ବଜାଇ ରଖିବାକୁ ପୂର୍ଣ୍ଣ ଚେଷ୍ଟା କରନ୍ତି।

ସ୍ୱାଧୀନତାର ଦୀର୍ଘ ବର୍ଷପରେ ବି ଜାତିବ୍ୟବସ୍ଥା ତାର କଳୁଷିତ କାୟା ବିସ୍ତାର କରି ରଖିଛି ଏହି ଜାତିବାଦୀଙ୍କ ପାଇଁ। ଅନେକ ସମୟରେ ଏମାନେ ଜାତିବାଦକୁ ହଟାଇବା କଥା ନକହି ଏହାର ସପକ୍ଷରେ ଯୁକ୍ତି କରନ୍ତି। ଏହି ବ୍ୟବସ୍ଥାର ଗୁଣଗାନ କରନ୍ତି। ଧର୍ମ ଓ ସଂସ୍କୃତିର ଆବରଣ ପିନ୍ଧାଇ ଏହାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବାକୁ ଚେଷ୍ଟା କରନ୍ତି। ଯେଉଁମାନେ ପ୍ରକୃତରେ ଜାତିପ୍ରଥାର ବିରୋଧି ତାଙ୍କୁ ନାନାଭାବେ ଭର୍ସନା କରନ୍ତି। ଫଳ ସ୍ୱରୂପ ଦେଶରେ ଜାତିବାଦ କମିବାର ନାମ ନେଉନାହିଁ। ରାଜନୀତି ଜାତିବାଦକୁ ପ୍ରୋତ୍ସାହିତ କରିଆସିଛି। ଗୋଟିଏ ଦୁଇଟି ଜାତି ଏଥିପାଇଁ ଦାୟୀ। ସେମାନେ ସମସ୍ତ କ୍ଷମତା ନିଜ ହାତରେ ରଖିବାକୁ ଚାହାଁନ୍ତି। ଏମାନେ କଳେବଳେ କୌଶଳେ ରାଜନୈତିକ, ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାଁନ୍ତି। ଏହାହିଁ ମାରାତ୍ମକ ଜାତିବାଦ। ଯେଉଁମାନେ ନିଜର ସଂଖ୍ୟାନୁପାତିକ ଭାଗ ପାଇଁ ଲଢୁଛନ୍ତି ସେମାନଂକୁ କଦାପି ଜାତିବାଦୀ ବୋଲି କହିହେବ ନାହିଁ। ସେହିମାନଙ୍କୁ ଜାତିବାଦୀ ବୋଲି କୁହାଯିବ ଯେଉଁମାନେ ଅନ୍ୟମାନଙ୍କୁ ତାଙ୍କ ସଂଖ୍ୟାନୁପାତିକ ପ୍ରାପ୍ୟ ଦେଉ ନାହାଁନ୍ତି।

ଜାତିବ୍ୟବସ୍ଥାର ସମାପ୍ତି ପାଇଁ ଅନଗ୍ରସର ଜାତି ସମୂହର ବିକାଶ ଜରୁରୀ ହୋଇଥିବା ଯୋଗୁଁ ଏମାନେ ବିକାଶର ଲକ୍ଷ୍ୟ ନେଇ ସଙ୍ଗଠିତ ହେବା ଜରୁରୀ। ଏମାନେ ନିଜ ମଧ୍ୟରେ ଥିବା ଜାତି ବିଦ୍ୱେଷ ଓ ଜାତିଗତ ଭାବନାକୁ ସମାପ୍ତ କରିବା ଆବଶ୍ୟକ। ଏହା ନହେଲେ ଜାତିବାଦ ଭିନ୍ନରୂପରେ ଆତ୍ମପ୍ରକାଶ କରିବ। ଯେଉଁ ଅଗ୍ରସର ଗୋଷ୍ଠୀ ବିକାଶର ଚରମ ସୀମାରେ ପହଞ୍ଚିଛନ୍ତି ସେମାନେ ପଛକୁ ଦେଖିବା ଜରୁରୀ ଯେ କେଉଁମାନେ ବିକାଶର ଦୌଡରେ ପଛରେ ପଡିଯାଇଛନ୍ତି। ଏମାନେ ସାମ୍ବିଧାନିକ ବ୍ୟବସ୍ଥାକୁ ମାନିବା ଦରକାର ଓ ସମତାଭିତ୍ତିକ ସମାଜକୁ ସ୍ୱୀକାର କରିବା ଦରକାର। ଏହା ତାଙ୍କ ସାମାଜିକ ଓ ନାଗରିକତ୍ୱର ଦାୟିତ୍ୱ ମଧ୍ୟ। ଏହା ଛଡା ଜାତିବିହୀନ ସମାଜ ଗଠନ କରିବା ପାଇଁ ଏମାନଙ୍କୁ ଯୋଜନା ମଧ୍ୟ ପ୍ରସ୍ତୁତ କରିବାକୁ ପଡିବ। ଆବଶ୍ୟକ ହେଲେ ଧାର୍ମିକ ଓ ସାଂସ୍କୃତିକ ସଂଶୋଧନ ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏହା ନହେଲେ ଅନଗ୍ରସର ଜାତିସମୂହ ନିକଟରେ କଣ୍ଟାକୁ କଣ୍ଟାରେ କାଢ଼ିବା ସଦୃଶ୍ୟ ଜାତିକୁ ଜାତି ଦ୍ୱାରା ହଟାଇବା ପାଇଁ ଜାତି ଥେରାପିର ଆଶ୍ରୟ ନେବାକୁ ହେବ। ଏପରି ହେଲେ ଏହା ଆଦୌ ଅଯୌକ୍ତିକ ହେବ ନାହିଁ।

# ସତୀ ନ୍ୟାସୀ ସନ୍ନ୍ୟାସୀ



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ଭାରତୀୟ ସଂସ୍କୃତିରେ ପ୍ରାଚୀନ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ସନ୍ନ୍ୟାସାଶ୍ରମ ଓ ସନ୍ନ୍ୟାସୀମାନଙ୍କ ସ୍ଥାନ ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି। ଆମ ସମାଜରେ କଥିତ ଅଛି ଯେ ଯେଉଁ ମାତାପିତାଙ୍କ ପୂର୍ବ ଜନ୍ମର ସୌଭାଗ୍ୟଥାଏ ତା' ପୁତ୍ର ସନ୍ନ୍ୟାସୀ ହୁଏ। ଏହି ସନ୍ନ୍ୟାସୀ ଶବ୍ଦର ବିପ୍ତତ୍ତି ହେଉଛି ସତି ନ୍ୟାସୀ ଅର୍ଥାତ୍ ଯେ ସତ୍ ରେ ସମର୍ପିତ ହୋଇଥାନ୍ତି ଏବଂ ଅନାସକ୍ତ ଭାବରେ ଜୀବନ ନିର୍ବାହ କରି ଚାଲନ୍ତି ; ସେପରି ପୁରୁଷଙ୍କୁ ସନ୍ନ୍ୟାସୀ ବୋଲି କୁହାଯାଏ। ପରନ୍ତୁ ଆଜିକାଲି କିଛି ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ଓ ଗୃହସ୍ଥ ଆଶ୍ରମରେ ବିମୁଖ ହୋଇ ସନ୍ନ୍ୟାସୀ ହୋଇଥାନ୍ତି। ଏମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତିମାନେ ସିନା ହଟଯୋଗ ଦ୍ୱାରା କର୍ମେନ୍ଦ୍ରିୟ ମାନଙ୍କୁ ସଞ୍ଜମ କରିଦିଅନ୍ତି କିନ୍ତୁ ସାଂସାରିକ ଭୋଗ୍ୟ ବସ୍ତୁ ପ୍ରତି ଲାଳସା ରହିଥାଏ। ଏ ପ୍ରକାର ତ୍ୟାଗ ସାଂସାରିକ ଭୋଗ ବସ୍ତୁ ଠାରୁ ଦୂରେଇ ରହି ପାରେ ନାହିଁ । ଯାହାଫଳରେ ଏକ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥାଏ। ଯେପରି ବାହ୍ୟରେ ଧାର୍ମିକତା ପ୍ରଦର୍ଶନ କଲେ ମଧ୍ୟ ଅନ୍ତର ମଧ୍ୟରେ ମଳିନ ମନୋଭାବ ଭରି ରହିଥାଏ। ଯାହା ସମୟାନୁକ୍ରମେ ଫଳବତି ହୁଏ। ଏପରି ଏକ ମିଥ୍ୟା ସନ୍ନ୍ୟାସୀ ଜୀବନ ଯାପନ କରିବା ଅପେକ୍ଷା ଜଣେ କର୍ମଯୋଗୀ ଭାବେ ସଂସାରରେ ରହି ଜୀବନ ସଂଗ୍ରାମରେ ସମ୍ମୁଖୀନ ହେବା ଶ୍ରେୟସ୍କର ଅଟେ । ସମୟ ପୂର୍ବରୁ ସଂସାରର ସମସ୍ୟାଠାରୁ ଦୂରେଇଯାଇ ସନ୍ନ୍ୟାସ ଗ୍ରହଣ କରିନେବା ସତି ନ୍ୟାସୀ ବୋଲି କୁହା ଯାଇପାରିବ ନାହିଁ। ଏପରି ବ୍ୟକ୍ତି ବିଶେଷମାନେ ଶଠ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ଏମାନେ ନିଜେ ନିଜକୁ ହିଁ ଠର୍କି ଥାଆନ୍ତି। ଅତଃ ଗୀତାରେ କୁହାଯାଇଛି :

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।।

ତେବେ ଏ ସଂସାରରେ ପ୍ରକୃତ ସନ୍ନ୍ୟାସୀ କାହାକୁ କୁହାଯାଏ ? ଏହାର ଦୃଷ୍ଟାନ୍ତ ମଧ୍ୟ ଶ୍ରୀମଦ୍ ଭଗବଦ୍ ଗୀତାରେ ଦେଖାଯାଏ। ଏହି ମହାନ୍ ଗ୍ରନ୍ଥର ଅଷ୍ଟାଦଶ ଅଧ୍ୟାୟ ଦ୍ୱିତୀୟ ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି :

କାମ୍ୟାନାଂ କର୍ମଣାଂ ନ୍ୟାସଂ ସଂନ୍ନ୍ୟାସଂ କବୟୋ ବିଦୁଃ ।
ସର୍ବକର୍ମଫଳତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ ।।

ଅର୍ଥାତ୍ ବିଜ୍ଞ ବ୍ୟକ୍ତିମାନେ କର୍ମ ତ୍ୟାଗକୁ ସନ୍ନ୍ୟାସୀ ବୋଲି କହିଥାନ୍ତି । ଏହି କର୍ମକୁ ଏଠାରେ ଦୁଇଭାଗରେ ବିଭକ୍ତ କରାଯାଇଛି ଯଥା: ନିତ୍ୟ କର୍ମ ଓ କାମ୍ୟ କର୍ମ। ଦୈନନ୍ଦିନରେ ଯେଉଁ କର୍ମ କରିବା ଦ୍ୱାରା ଶରୀର ସୁସ୍ଥ ଓ ପୋଷଣ ହୋଇଥାଏ ତାହାକୁ ନିତ୍ୟ କର୍ମ କୁହାଯାଏ ଏବଂ ଜାଗତିକ ଭୋଗ୍ୟ ବିଷୟାଦିକୁ ଭୋଗ କରିବା ନିମନ୍ତେ ଯେଉଁ ଆସକ୍ତ କର୍ମ କରାଯାଏ ତାହାକୁ କାମ୍ୟ କର୍ମ କୁହାଯାଏ। ଯେଉଁମାନେ ଭୌତିକ ସୁଖପ୍ରାପ୍ତି ନିମନ୍ତେ ଉଦ୍ଦିଷ୍ଟ ଥିବା କର୍ମାଦିକୁ ତ୍ୟାଗ କରିବା ପୂର୍ବକ ସନ୍ନ୍ୟାସ ଗ୍ରହଣ କରିଥାନ୍ତି, ସେପରି ପୁରୁଷମାନଙ୍କୁ କର୍ମ ସନ୍ନ୍ୟାସୀ କୁହାଯାଏ । ସାଧାରଣତଃ ଏହିମାନେ କିଛି ନିତ୍ୟକର୍ମ କରିଥାନ୍ତି କିନ୍ତୁ କାମିନୀ କାଞ୍ଚନ, ସନ୍ତାନ ଉତ୍ପାଦନ, ଧନ ସଂଗ୍ରହ, ସମ୍ମାନ ଓ ପ୍ରତିପତ୍ତି ଇତ୍ୟାଦି ପାଇଁ ଉଦ୍ଦିଷ୍ଟଥିବା କର୍ମକୁ ପରିତ୍ୟାଗ କରିଥାନ୍ତି। କାରଣ ଏହିସବୁ କାମ୍ୟ କର୍ମ କରିବା ଦ୍ୱାରା ମନୁଷ୍ୟ ମା' ଠୁ ମଶାଣୀ, ଜନ୍ମ ଓ ମୃତ୍ୟୁ କର୍ମଚକ୍ରରେ ଘୂରି ବୁଲୁଥାଏ ଏବଂ ଏ ସଂସାରରେ ବାରମ୍ବାର ପୁନର୍ଜନ୍ମ ନେଇଥାଏ। ଶ୍ରୀକୃଷ୍ଣଙ୍କ ମତରେ ଜ୍ଞାନୀମାନେ ଯେଉଁ ତ୍ୟାଗ କରନ୍ତି ସେହି ତ୍ୟାଗ ହେଉଛି "ଆନ୍ତରିକ ତ୍ୟାଗ" । ସେହି ବ୍ୟକ୍ତିମାନେ ବେଦ ବିହିତ କର୍ତ୍ତବ୍ୟ ଓ କର୍ମ ତ୍ୟାଗ ନ କରି ,କେବଳ ସେଗୁଡ଼ିକର ଫଳ ଉପଭୋଗ କରିବାର କାମନା ତ୍ୟାଗ କରିଥାନ୍ତି। ତେଣୁ କର୍ମଫଳ ଉପଭୋଗର କାମନା ପରିତ୍ୟାଗ କରିବା ହିଁ ତ୍ୟାଗ ଅଟେ ଏବଂ କର୍ମ ତ୍ୟାଗ କରିବାର ମନୋଭାବ ସନ୍ନ୍ୟାସୀ ଅଟେ । ସାତ୍ତ୍ୱିକ ଗୁଣଯୁକ୍ତ ତ୍ୟାଗୀମାନେ ଅପ୍ରୀତିକର ପରିସ୍ଥିତିକୁ କଷ୍ଟଦାୟକ ମନେ କରନ୍ତି ନାହିଁ କିମ୍ବା ସୁଖକର ପରିସ୍ଥିତି ସହିତ ମଧ୍ୟ ଆସକ୍ତ ହୁଅନ୍ତି ନାହିଁ । ସମସ୍ତ ପରିସ୍ଥିତିରେ ସେମାନେ କେବଳ ତାଙ୍କର କର୍ତ୍ତବ୍ୟ ପାଳନ କରିଥାନ୍ତି । ଯେତେବେଳେ ତାହା ସୁଚାରୁ ରୂପେ ସମ୍ପାଦିତ ହୋଇଥାଏ, ସେତେବେଳେ ସେମାନେ ସେଥିରେ ଆନନ୍ଦିତ ହୁଅନ୍ତି ନାହିଁ କିମ୍ବା ଜୀବନ କଷ୍ଟକର ହେଲେ ମଧ୍ୟ ଦୁଃଖୀ ହୁଅନ୍ତି ନାହିଁ। କ୍ରୋଧ, ଈର୍ଷା ଓ ଆସକ୍ତି ଦ୍ୱାରା ଅଭିଭୂତ ନ ହୋଇ ସେମାନେ ନିଜର ଚତୁଃର୍ପାଶ୍ୱରେ ଘଟୁଥିବା ଘଟଣା କ୍ରମକୁ ସମଭାବାପନ୍ନ ହୋଇ ଲକ୍ଷ୍ୟ କରିଥାନ୍ତି ଏବଂ ନିଜର ସତ୍ ଧେୟ ପ୍ରତି ସତତ ସଜାଗ ରହିଥାନ୍ତି। ଏପରି ପୁରୁଷଙ୍କୁ ସତି ନ୍ୟାସୀ ବା ସନ୍ନ୍ୟାସୀ ବୋଲି କୁହାଯାଏ।

# ବିଶ୍ୱ ବିଜୟୀ ଆଲେକଜାଣ୍ଡର



ରଞ୍ଜନ କୁମାର ସାହୁ
ଇଂରାଜୀ ବିଭାଗ
ସୁଦ୍ଧାନନ୍ଦ ବୈଷୟିକ ଶିକ୍ଷା
ପ୍ରତିଷ୍ଠାନ, ନଛିପୁର, କଟକ

ଆକାଂକ୍ଷିତ ମାନବ ସୀମିତ ଜୀବନରେ ଅହରହ ପ୍ରଚେଷ୍ଟା କରେ, ଧନ, ଯଶ, କ୍ଷମତା ଓ ସୌନ୍ଦର୍ଯ୍ୟ ପ୍ରାପ୍ତି ନିମନ୍ତେ । ଆବଶ୍ୟକତା ଠାରୁ ଅତ୍ୟଧିକ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ପିପାସା ହିଁ ପ୍ରକୃତ ଦାରିଦ୍ର୍ୟତା। ମାନବ ଜୀବନର ସୀମିତ ଅବଧି ମଧ୍ୟରେ ଆଶା ଅସୁମାରୀ, ଯାହାର ତୃଷ୍ଣା ବା ଅଭିଳାଷ ଯେତେ ଅଧିକ ତାର ଦୁଃଖ ଦୁର୍ଦ୍ଦଶା ସେତେ ଅଧିକ ଓ ସେ ସମାଜରେ ସେତେ ଦରିଦ୍ର। ବାସ୍ତବରେ ଏ ଦୁନିଆରେ ଦୁଃଖୀ ଓ ଦରିଦ୍ର କିଏ ? ସ୍ପଷ୍ଟ ଦିବା ଲୋକରେ ଦୈନନ୍ଦିନ ଜୀବନରେ ଦେଖୁଥିବା ମଣିଷଟିଏ, ଯିଏ ଅନ୍ୟ ପାଖରେ ହାତ ପତେଇ ମାଗେ ସେ ତ ପ୍ରକୃତ ଭିକାରୀ ନୁହେଁ । ବରଂ ପ୍ରକୃତ ଭିକାରୀ ସିଏ ଯାହା ପାଖରେ ସବୁ ଥାଇ ମଧ୍ୟ ସେ ଆହୁରି ଅଧିକ ଚାହିଁଥାଏ । ଯାହାର ପ୍ରତିବଦଳରେ ସେ ଅନ୍ୟାୟ ଅନୀତିର ଆଶ୍ରୟ ନିଏ, ସମାଜକୁ ଶୋଷଣ କରେ, ଲୁଣ୍ଠନ କରେ ଅନ୍ୟ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ପାଶ୍ଚାତ୍‌ପଦ ହୁଏ ନାହିଁ, ନୀତି ନୈତିକତା, ମୂଲ୍ୟବୋଧ ଓ ମଣିଷ ପଣିଆକୁ ଜଳାଞ୍ଜଳି ଦେଇ ସାରା ଜୀବନ ଧନ ସମ୍ପତ୍ତି ଗୋଟେଇବାରେ ଲାଗିପଡେ। ବିଶ୍ୱବିଜୟୀ ହେବାର ପ୍ରୟାସ, ସର୍ବଶ୍ରେଷ୍ଠ ଧନୀକ ସାଜିବାର ମନୋବୃତ୍ତି, ତୂଳିତପ୍ତ ଶଯ୍ୟାରେ ଶୋଇ ସୁନେଲି ସ୍ୱପ୍ନ ଦେଖେ । ଘର ଦ୍ୱାର କୋଠାବାଡି ଓ ଅଟ୍ଟାଳିକା ପ୍ରାପ୍ତ ନିମନ୍ତେ ଯା ପଛରେ ଧାଇଁ ଧାଇଁ ଜୀବନ ବିତାଇ ଦିଏ।

ସେ ତେବେ ଭୁଲି ଯାଏ ଯେ ଏ ଜୀବନ ଅନିଶ୍ଚିତ, ମାଟିରୁ ଆସିଛି ମାଟିରେ ମିଶିଯିବ, ଏହା ହିଁ ଦିନେ ଘଟିଥିଲା ଇତିହାସ ପ୍ରସିଦ୍ଧ ବୀର ଆଲେକଜାଣ୍ଡରଙ୍କ ଜୀବନରେ ବିଶ୍ୱ ବିଜୟୀ ହେବାର ଲାଳସାକୁ ନେଇ। ଯେ ଜଣେ କ୍ଷୁଦ୍ର ରାଜ୍ୟ ମାସିଡୋନିଆ ରାଜ୍ୟର ରାଜା ହିସାବରେ ପ୍ରୟାସ କରିବା କେତେଦୂର ସମୀଚିନ ? ସଦାସର୍ବଦା ଯୁଦ୍ଧଖୋର, ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଥାନ୍ତି, ତଥାପି ରାଜ୍ୟ ଜୟର ପିପାସା ମେଣ୍ଟୁନି । ରାଜ୍ୟ ପରେ ରାଜ୍ୟ ଜୟ କରି ଅମାପ ଧନ ସମ୍ପତ୍ତି ଲୁଣ୍ଠନ କରି ଗ୍ରୀକ୍ ବୀର ନାମରେ ନାମିତ ହେଲେ। ପରିଶେଷରେ ସ୍ୱର୍ଣ୍ଣପ୍ରସୁ ଭାରତ ବର୍ଷ ଆଡକୁ ମୁହାଁଇଲେ ବିଶାଳ ସୈନ୍ୟସାମନ୍ତ ସହିତ। ଏଥେନସ୍ ନଗରୀର ରାଜରାସ୍ତା ଫାଟି ପଡୁଥାଏ ବିଶାଳ ଗ୍ରୀକ୍ ସେନାର ପଟୁଆର ଓ ଏହାର କୋଳାହଳରେ, ଏହି ଏଥେନସ୍ ନଗରୀର ଉପାନ୍ତରେ ଏକ ନିର୍ଜନ ପଥପ୍ରାନ୍ତରେ ଏକ ଛୋଟିଆ କୁଡ଼ିଆ ହେଉଛି ତତ୍କାଳୀନ ଦାର୍ଶନିକ ଦାଓଜିନସ୍‌ଙ୍କର। ସାଥିରେ ଏକମାତ୍ର ବିଶ୍ୱସ୍ତ କୁକୁର ସହ ସେହି କ୍ଷୁଦ୍ର କୁଡ଼ିଆରେ ବାସ କରୁଥାନ୍ତି ସେ। ନ



ଜାଣିଥିବା ଲୋକଙ୍କ ଚକ୍ଷୁରେ ସେ ଯେପରି ଜଣେ ସାଧାରଣ ଭିକ୍ଷୁକ। ନିଦ୍ରିତ ଅବସ୍ଥାରେ ହଠାତ୍ ଶୁଣିବାକୁ ପାଇଲେ କୋଳାହଳ, ଉଠିପଡ଼ି ବାହାରକୁ ଆସି ଦେଖନ୍ତି ତ ବୀର ଆଲେକଜାଣ୍ଡର ଓ ତାଙ୍କର ବିଶାଳ ସୈନ୍ୟ ସାମନ୍ତଙ୍କର ପଟୁଆର ଯୁଦ୍ଧ କରିବା ନିମନ୍ତେ ଅଗ୍ରସର। ହଠାତ୍ ସୈନିକ ମାନଙ୍କ ଆଡକୁ ଧାଇଁଗଲେ ଦାଓଜିନ୍ସ ଉଚ୍ଚ କଣ୍ଠରେ ଚିତ୍କାର କରି କହିଲେ ରହିଯାଅ, ସମ୍ରାଟ ଆଲେକଜାଣ୍ଡରଙ୍କୁ ମୋର କିଛି ଦେବାର ଅଛି। ଏତିକି କହି ସମ୍ରାଟଙ୍କ ନିକଟକୁ ଉଦ୍ୟତ ହୋଇ ତାଙ୍କ ହାତରେ ମୁଦ୍ରାଟିଏ ଧରାଇ ଦେଲେ । ବିସ୍ମିତ ହୋଇ ସମ୍ରାଟ ପଚାରିଲେ ଯେ କଣ ? ଦାଓଜିନ୍ସ କହିଲେ – କିଛିଦିନ ତଳେ ଜଣେ ଧନୀକ ବ୍ୟକ୍ତି ମୋତେ ଭିକାରୀ ଭାବି ଏ ମୁଦ୍ରାଟିକୁ ମୋ କୁଡିଆ ଭିତରକୁ ଫୋପାଡ଼ି ଦେଇଥିଲେ ଏବଂ ସେହିଦିନ ଭାବିଥିଲି ମୋ ଠାରୁ ଜଣେ ବଡ ଭିକାରୀ ଦେଖିଲେ ମୁଁ ତାଙ୍କୁ ଏ ଉପହାର ଦେବି। ଆଜି ତୁମକୁ ପାଇ ମୁଁ ତୁମକୁ ଏହା ଉପହାର ଦେଉଛି। ଏ ଭଳି ସମ୍ଭାଷଣରେ ସମ୍ରାଟ ଅତ୍ୟନ୍ତ ଉତ୍ୟକ୍ତ ହୋଇ କହିଲେ ଜାଣିଛ ମୁଁ କିଏ ? ମୁଁ ବିଶ୍ୱବିଜୟୀ ଗ୍ରୀକ୍ ବୀର ଆଲେକଜାଣ୍ଡର। ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମୋର ପଦାନତ, ଏହା ସତ୍ତ୍ୱେ ମୋତେ ଭିକାରୀ ବୋଲି କହିବାର ଧୃଷ୍ଟତା ପାଇଁ ମୁଁ ତୁମର ଶିରଚ୍ଛେଦ କରିବି, ଅବିଚଳିତ ଭାବରେ ଦାଓଜିନ୍ସ ଉତ୍ତର ଦେଲେ – ମୋର କିଛିନାହିଁ ମୁଁ ଭିକାରୀ ହେବା ସ୍ୱାଭାବିକ୍ । ତୁମେ ତ ଏତେ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟର ଅଧିକାରୀ ତଥାପି ତୁମର ଏ କ୍ଷୁଧା କଣ ପାଇଁ ? ତୁମେ କଣ ମୋ ଠାରୁ ବଡ ଭିକାରୀ ନୁହଁ କି ? ଯିଏ ଜୀବନରେ କିଛି ଚାହିଁ ନାହିଁ, କିଛି ପାଇ ବି ନାହିଁ, ସିଏ ଧନୀ ନ ହୋଇପାରେ କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ। ଦାର୍ଶନିକଙ୍କର ଉଦ୍ଦେଶ୍ୟରେ ଯେଉଁ ନୈତିକ ଚେତନାକୁ ଉପେକ୍ଷା କରି ଆଗକୁ ମାଡିଚାଲିଲେ ବିଶ୍ୱ ଅଭିଯାନରେ ବାହାରିଥିବା ସମ୍ରାଟ ଆଉ ନିଜ ଦେଶକୁ ଫେରିପାରିନଥିଲେ । ଭାରତ ଅଭିଯାନ ସାରି ଫେରିବା ବାଟରେ ବେବିଲୋନ ନଗରୀରେ ମାତ୍ର ୩୩ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ ଏବଂ ମୃତ୍ୟୁର ଅବବ୍ୟହିତ ପୂର୍ବରୁ ପାରିଷଦ ମାନଙ୍କୁ ପାଖକୁ ଡକାଇ କହିଥିଲେ ମୋ ଶବାଧାର ସମାଧିସ୍ଥଳକୁ ନେବାବେଳେ ମୋର ଦୁଇ ହାତକୁ କୋକେଇର ଦୁଇ ପଟକୁ ଝୁଲାଇ ଦେଇଥିବ, ଯେମିତି ସମଗ୍ର ବିଶ୍ୱବାସୀ ଦେଖିବେ ବିଶ୍ୱ ବିଜୟୀ ଆଲେକଜାଣ୍ଡର ଶୂନ୍ୟହସ୍ତରେ ଆସିଥିଲା ଆଉ ମୃତ୍ୟୁ ପରେ ମଧ୍ୟ ଏ ପୃଥିବୀରୁ ଶୂନ୍ୟ ହସ୍ତ ହୋଇ ଫେରିଯାଉଛି। ଅଜସ୍ର ସମ୍ପତ୍ତି ଅର୍ଜିଥିବା ଆଲେକଜାଣ୍ଡର ପାଇଁ ଏ ଧନ ସମ୍ପତ୍ତି ତୁଚ୍ଛ, ହୀରାଲୀଳା ମୋତି ମାଣିକ୍ୟ ଆଦି ତାଙ୍କ ପାଇଁ ଗୋଡି ମାଟି ଭଳି ତୁଚ୍ଛ, ଯାହାଙ୍କ ଅନ୍ତିମ ସଂସ୍କାର ଯାତ୍ରାରେ ବି ସହାୟକ ହେଲାନି। ଅର୍ଜନ କରିଥିବା ସମସ୍ତ ସମ୍ପଦ ବର୍ଜନ କରି ଏକା ଏକା ଶୂନ୍ୟ ହସ୍ତରେ ଫେରିଗଲେ। ଯେଉଁଥି ପାଇଁ କବି କଲମ କଲେ :

କିଣିବାକୁ ଆଉ ନାହିଁ ଧରାଖଣ୍ଡ
ବୋଲି କଲେ ଯେଉଁ ଅଶୃସିକ୍ତ ଗଣ୍ଡ।
ମଲା ବେଳେ ବିଶ୍ୱ ବିଜୟୀ ସ୍କନ୍ଦର
କି କହିଥିଲେ ତା ଚିତ୍ତେ ଥରେ ଧର।
ବୋଇଲେ ଏ ପ୍ରାଣ ଗଲେପିଣ୍ଡ ଛାଡି
ନେବ ଯେବେ ମୋତେ
କୋକେଇରେ କାଢି ।
ଦେଇଥିବ ଯହିଁ ମୋ ଶବ ଶୁଆଇ
ବେନି ପଟେ ବେନି କରକୁ ଝୁଲାଇ।
ଯା ଦେଖି ଜାଣିବେ ଜଗତେ ସମସ୍ତେ
ଆସିଥିଲି ଫେରି ଗଲି ଶୂନ୍ୟ ହସ୍ତେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ପିଲାଙ୍କ ମହାଭାରତ-୬୫



ନିତ୍ୟାନନ୍ଦ ପଣ୍ଡା

## କୁହୁକ ଜଳାଶୟ-୧



ପୂର୍ବରୁ ଧାର୍ଯ୍ୟ ହୋଇଥିବା ବାରବର୍ଷ ବନବାସ ଅବଧି ଶେଷ ହେବା ଉପରେ । ଜଣେ ବ୍ରାହ୍ମଣ କୁଡ଼ିଆର ଅନତିଦୂରରେ ପାଣ୍ଡବମାନେ ରହୁଥାନ୍ତି ।

ଦିନେ, ହରିଣଟିଏ ବଣରୁ ଆସି ବ୍ରାହ୍ମଣର ଯଜ୍ଞକୁଣ୍ଡ ନିକଟରେ ବୁଲୁଥିଲା । ସେଠି ଥିଲା ଘଷାକାଠ, ଯାହାକୁ ଘଷି ବ୍ରାହ୍ମଣ ଯଜ୍ଞ ପାଇଁ ଅଗ୍ନି ଉପୁଜାଇ ପାରୁଥିଲା । ହରିଣଟି ଅଭ୍ୟାସମତେ ଘଷାକାଠରେ ଘଷି ହେଉଥିଲା । ସେଇ ସମୟରେ, ଘଷାକାଠଟି ହରିଣର ଶିଙ୍ଗରେ ଛନ୍ଦି ହେଇଗଲା, ବାହାରିଲା ନାହିଁ । ଭୟ ପାଇଗଲା ହରିଣ । ଘଷାକାଠ ସହ ସେ ଦୌଡ଼ିପଳେଇଲା ବଣ ଭିତରକୁ ।

ଯଜ୍ଞ ପାଇଁ ମୁଁ ଅଗ୍ନି କେଉଁଠୁ ଆଣିବି ? ବ୍ରାହ୍ମଣ ଧାଇଁଲା ହରିଣ ପଛରେ । କିନ୍ତୁ ହାୟ ! ସେ ପହଞ୍ଚିପାରିଲା ନାହିଁ । ପାଣ୍ଡବମାନଙ୍କ ପାଖରେ ସେ ସାହାଯ୍ୟ ପାଇଁ ବିନତି କଲା ।

ସହସା ପାଣ୍ଡବମାନେ ହରିଣ ପଛରେ ଧାଇଁଲେ । କିନ୍ତୁ ତାହା ଥିଲା ଏକ କୁହୁକ ହରିଣ । ସେ ବେଗ ବଢେଇ ଦେଲା ଓ ଘଞ୍ଚ ଅରଣ୍ୟ ମଧ୍ୟରେ ଅଦୃଶ୍ୟ ହୋଇଗଲା । ଏଣେ ଧାଇଁ ଧାଇଁ ପାଣ୍ଡବମାନେ କ୍ଲାନ୍ତ । ସେମାନେ ଆଶା ଛାଡ଼ିଦେଲେ ଓ ହତାଶହୋଇ ଗୋଟିଏ ବରଗଛ ତଳେ ବସିପଡ଼ିଲେ ।

ନକୁଳ କହିଲେ- ଗୋଟେ ସାମାନ୍ୟ ହରିଣକୁ ଆମେ ଧରିପାରିଲେନାହିଁ । ଆମର ଶକ୍ତି କୁଆଡେ ଗଲା ! ଆମର ଏତେ ଅବନତି କେମିତି ହେଲା !

"ହଁ ଠିକ୍ । ଦ୍ରୌପଦୀଙ୍କୁ ଯେତେବେଳେ କୌରବମାନେ ବେଜ୍ଜିତ କରୁଥିଲେ, ଆମେ ତାଙ୍କୁ ସାହାଯ୍ୟ କରିପାରିଲେ ନାହିଁ । ତା'ରି ଫଳ ଭୋଗୁଛନ୍ତି ।"- କହିଲେ ଭୀମସେନ୍ ।

ଅର୍ଜୁନ କହିଲେ, "ସେ ଦିନ ସେ ସାରଥୀ ପୁତ୍ର କର୍ଣ୍ଣଙ୍କର ଅପମାନଜନକ ବାକ୍ୟ ନୀରବରେ ସହିଯାଇଥିଲି । ଯାହାର ଫଳ ଏବେ ଭୋଗୁଛି ।"

ଯୁଧିଷ୍ଠିର ଭାଇମାନଙ୍କ କଥା ଶୁଣୁଥିଲେ । ସେମାନଙ୍କ କଥାରେ ସତ୍ୟତା ଦେଖୁଥିଲେ । କିନ୍ତୁ ପ୍ରଚଣ୍ଡ ଶୋଷ ତାଙ୍କୁ ଅଥୟ କରିଦେଉଥିଲା । ସେ ଉତ୍ତର ଦେଲେନାହିଁ । କହିଲେ, "ନକୁଳ, ତୁମେ ଏହି ଗଛ ଉପରେ ଚଢିଯାଅ ! ଦେଖ, ଆଖପାଖରେ କେଉଁଠି ନଈ କିମ୍ବା ଜଳାଶୟ ଅଛି କି ! ଭୀଷଣ ଶୋଷ ହେଉଛି ।"

ନକୁଳ ଗଛ ଉପରେ ଚଢିଗଲେ । ଦୂରକୁ ଚାହିଁଲେ । ଦେଖିଲେ କିଛି ଦୂରରେ ବଗଗୁଡ଼ିଏ ଉଡୁଚନ୍ତି । ସେ ଗଛରୁ ଓହ୍ଲେଇଲେ ଓ କହିଲେ, "ଭାଇ, ଜଳାଶୟଟିଏ ଥିବା ପରି ଲାଗୁଛି ।"

- ତେବେ ତୁରିତେ ଯାଅ ଓ ତୂଣୀରରେ କିଛି ଜଳ ଆଣ !

ନକୁଳ ଗଲେ । ପହଞ୍ଚିଲେ ଜଳାଶୟ ନିକଟରେ । ଜଳାଶୟରେ ପରିଷ୍କାର ପାଣି । ତାଙ୍କୁ ମଧ୍ୟ ଶୋଷ ହେଉଥିଲା । "ମୁଁ ପ୍ରଥମେ ପାଣି ପିଇବି । ତା'ପରେ ଭାଇଙ୍କ ପାଇଁ ଜଳନେବି ।" - ଏହିପରି ଭାବି ସେ ପାଣି ପିଇବାକୁ ଓହ୍ଲେଇଗଲେ ।

ହାତ ବୁଡେଇଛନ୍ତି ତ ଶୁଭିଲା- ତୁମେ ନକୁଳ ! ଏତେ ତରବର ହୁଅନାହିଁ । ଜଳାଶୟଟି ମୋର । ମୋ ପ୍ରଶ୍ନର ଉତ୍ତର ପ୍ରଥମେ ଦିଅ । ତା'ପରେ ପାଣି ପିଇବ ।

ନକୁଳ ଆଶ୍ଚର୍ଯ୍ୟ । କିଏ କହିଲା ! କେହି କେଉଁଠି ଦିଶୁନଥିଲେ । ଏତେ ଶୋଷ ହେଉଥିଲା ଯେ ଅଦୃଶ୍ୟ ବ୍ୟକ୍ତିର ବାରଣକୁ ସେ ଏଡେଇଗଲେ ଓ ଚଳାଚଳା ପାଣି ପିଇଲେ । କ୍ରମେ ତାଙ୍କୁ ବୋଧହେଲା, ସେ ଚେତା ହରେଇବାକୁ ଯାଉଛନ୍ତି । ହଁ ଚେତା ହରେଇଲେ ଓ ମଲାଗଲା ପରି ଗଡ଼ିପଡ଼ିଲେ । ଏବେ ବାହାର ଦୁନିଆ ପାଇଁ ନକୁଳ ମୃତ ।

ନକୁଳ ନଫେରିବାରୁ ଯୁଧିଷ୍ଠିର ସହଦେବଙ୍କୁ ପଠେଇଲେ ।

ସହଦେବ ପହଞ୍ଚି ଦେଖିଲେ ନକୁଳ ମୃତ । କିନ୍ତୁ ସେ କାରଣ ଜାଣିବା ପୂର୍ବରୁ ଶୋଷ ମେଣ୍ଟେଇବାକୁ ଚାହିଁଲେ ।

.... ସେହିପରି ଅଦୃଶ୍ୟ ବାରଣ .... ମୋ ଜଳାଶୟ ... ମୋ ପ୍ରଶ୍ନର ଉତ୍ତର ଦିଅ ... ତା'ପରେ ପାଣିପିଇବ....

କିନ୍ତୁ ବାରଣ ଏଡେଇଗଲେ ସହଦେବ ପାଣି ପାଇଲେ । ସମାନ ଦଶା ଭୋଗିଲେ ସହଦେବ । ମରିଗଲେ ।

ସହଦେବ ଫେରିଲେ ନାହିଁ । ଚିନ୍ତିତ ଯୁଧିଷ୍ଠିର । ସେ ପରକୁ ପର ଅର୍ଜୁନ ଓ ଭୀମସେନଙ୍କୁ ପଠେଇଲେ । ହାୟ ! ସେମାନଙ୍କର ମଧ୍ୟ ସେହି ଦଶାହେଲା । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଭାରି ସୁଆଦିଆ ମୋ ମାଆ ରନ୍ଧା



*ସୁରମା ମିଶ୍ର*

ମାଆ ହାତ ରନ୍ଧା ଭାରି ସୁଆଦ
କହ କହ କିଏ ତା ପରି ହେବ
ଭାରି ସୁଆଦିଆ ମୋ ମାଆ ହାତ
ଲାଗେ ମୋତେ ସତେ କି ସେ ଅମୃତ ॥

ଆଳୁ ବାଇଗଣ ବଡ଼ି ବେସର
ଖାଇଲେ ପାଟିରୁ ନଛାଡେ ମୋର
ମାଗିମାଗି ସବୁ ମୁଁ ଖାଇଦିଏ
ମାଆ ପାଇଁ ଆଉ କିଛି ନ ଥାଏ ॥

ସଜନା ଶାଗରେ ମୁଗ ପକାଇ
କେତେ ସରାଗରେ ଖରଡ଼ି ଦେଇ
ବଳେଇ ବଳେଇ ଦେବ ଖୁଆଇ
ଖେଳିବାକୁ ମୋତେ ଦିଏ ପଠାଇ ॥

ମଞ୍ଜାରାଇ ଆଉ କଦଳୀ ଭଜା
ଖାଇବାକୁ ଲାଗେ ବହୁତ ମଜା
ମମତାମୟୀ ମାଆଟି ମୋର
ପଦ ତଳେ ତାର କୋଟି ଜୁହାର ॥

ନ ଖାଇଥିଲେ ତୁ ଖୁଆଇ ଦେଉ
ପଣତ କାନିରେ ତୁ ପୋଛୁ ଥାଉ
ମୋ ପ୍ରତି ସୁଦୟା ତୁ କରୁଥିବୁ
ତୋର ହାତ ରନ୍ଧା ଖୁଆଇ ଦେବୁ ॥

ତୋ ପରି ମାଆଟେ ପାଇଛି ଯିଏ
କେତେ ଭାଗ୍ୟବାନ ଅଟେରେ ସିଏ
ଆହେ ଚଉବାହା କଳା ଶ୍ରୀମୁଖ
ମାଆଟିକୁ ମୋର ଭଲରେ ରଖ ॥

*ବିଏଲ ୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ପୌଷ ମାସର ପୁନେଇଁ

*ହୃଦାନନ୍ଦ ସୁନାନୀ*

ପୌଷ ମାସର ପୁନେଇଁକୁ
ପୁଷପୁନି ବା ଛେରାଛେରା କୁହାଯାଏ
ଏହା ଚାଷର ଶେଷ ପର୍ବ
ଧାନ ଅମଳ ପରେ ମନା ଯାଏ

ଏହି ପୂର୍ଣ୍ଣମୀ ଦିନ ପ୍ରଭୁ
ଜଗା ଠାକୁରଙ୍କୁ ନୂଆ ବସ୍ତ୍ର ଦିଅନ୍ତି
ଠାକୁର ବେଶ କରି ଯାତ୍ରା
ମଣ୍ଡପକୁ ପୁଷ୍ପ ସାଥେ ନିଅନ୍ତି

ଏହି ଦିନ ବରଗଡ଼ରେ
ହେଉଥିବା ଧନୁଯାତ୍ରା ଶେଷ ହୁଅଇ
ସାହୁକାର ମାନେ ତାଙ୍କର
ହଳିଆ ମାନଙ୍କୁ କିଛି ଖର୍ଚ୍ଚ ଦିଅନ୍ତି ।

*କଳାହାଣ୍ଡି*
*ମୋ- ୯୧୭୮୫୪୪୮୫୯*



# ବିଶ୍ୱ କରିବୁ ଜୟ

*ସୁଜିତ କୁମାର ମିଶ୍ର*

ପୁରୁଣା ପରା ଗଲାଣି ହଜି
ନୂଆ ବରଷ ହେଲା,
ଖୁସି ଆନନ୍ଦେ କାଟିବା ପାଇଁ
ବାରତା ସିଏ ଦେଲା ।

ବଣ ମୂଳକ ବୁଲିବା ଆମେ
ସାଙ୍ଗସାଥୀଙ୍କ ମେଳେ,
ଭଲ କି ମନ୍ଦ ବାରିବା ନାହିଁ
ମିଶି ଖାଇବା ବେଳେ ।

ବାଦ ବିଭେଦ ଭୁଲିବା ଆମେ
ହୋଇବା ଏକ ମନ,
ବଣଭୋଜିକୁ ସଭିଏଁ ଯିବା
ବୁଲିବା ନୂଆ ଥାନ ।

କିଛି ସମୟ ବସି ଗପିବା
ସରିଲା ପରେ ଖିଆ,
ସୂରୁଜ ଗଲେ ପାହାଡ ପାଖୁ
ହୋଇବା ଘରମୁହାଁ ।

ପୂଜାରୀ ନନା ଆସିଛି ସାଥେ
ରୋଷେଇ ପାଇଁ ପୁଣି,
କରିବ ସିଏ ସୁଆଦ ଖାଦ୍ୟ
ଆମ ପସନ୍ଦ ଜାଣି ।

ସଭିଏଁ ଆମେ ଭାଇ ଭଉଣୀ
ଗୋଟିଏ ପରିଚୟ,
ଆମ ଏକତା ବଳରେ ଦିନେ
ବିଶ୍ୱ କରିବୁ ଜୟ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

# ନୂଆ ବରଷର ଆମେ ଶାନ୍ତି ଦୂତ

*ପ୍ରଫୁଲ୍ଲ କୁମାର ସାହୁ*



ପୁରୁଣା ବରଷ ନେଇଛି ବିଦାୟ
ନୂଆ ବର୍ଷ ଆସେ ହସି,
ଗାଆଁ ଠୁ ସହର ସ୍ୱାଗତ ଜଣାନ୍ତି
ଲୋକମାନେ ଦେଖ ମିଶି ।୧।

ନୂଆ ବର୍ଷ ପାଇଁ ହୁଏ ଭୋଜି ଭାତ
(ହୁଏ) ଦେବ ମନ୍ଦିରରେ ପୂଜା,
ସାଙ୍ଗ ସାଥି ମେଳେ କରି ନାଚ ଗୀତ
ପିଲାଏ କରନ୍ତି ମଜା ।୨।

କ୍ୟାଲେଣ୍ଡର ପୃଷ୍ଠା ବଦଳାଇ ଦେଖ
ଆସିଅଛି ନୂଆ ମାସ,
ଏ ଶୁଭ ବେଳାରେ ନୂଆ କାମ ପାଇଁ
ଶପଥ କରିବା ଆସ ।୩।

ମନରୁ ଦୂରେଇ ହିଂସା ଦ୍ୱେଷ ଭାବ
ନୂତନ ଭାବନା ନେଇ,
ସଭିଙ୍କୁ ଯୋଡିବା ଏକତା ଡୋରିରେ
(ଆମେ) ସମାଜର ହିତ ପାଇଁ ।୪।

ସାରା ବିଶ୍ୱ ବାସୀ ଆଜି ଆତଙ୍କିତ
ଯୁଦ୍ଧ ବିଭୀଷିକା ଦେଖି,
କେତେଯେ ନିରୀହ ପଡୁଛନ୍ତି ବଳି
ସମୟ ଯା' ତାର ସାକ୍ଷୀ ।୫।

ବିଶ୍ୱରୁ ହଟାଇ ଯୁଦ୍ଧ ବିଭୀଷିକା
ହଟାଇ ରକ୍ତର ହୋଲି,
ସାରା ବିଶ୍ୱକୁ ଦେବାରେ ବାରତା
ଆମେ ଶାନ୍ତି ଦୂତ ବୋଲି ।୬।

ଆମରି କାମରେ ଆମରି ଦାନରେ
(ଗଢି) ସୁନାର ଭାରତ ବର୍ଷ,
ସାରା ଦୁନିଆକୁ ଦେଖାଇ ଦେବାରେ
ନୂଆ ବର୍ଷରେ ଆଦର୍ଶ ।୭।

*ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ବିବେକାନନ୍ଦ

*ଦଶରଥ ମାଝୀ*



ଜାନୁୟାରୀ ମାସ ବାର ତାରିଖରେ
ବିବେକାନନ୍ଦ ଜନମ
ବିଚକ୍ଷଣ ଛାତ୍ର ନରେନ୍ ଭାବରେ
ଥିଲା ପିଲାଦିନ ନାମ (୧)
ସେ କହୁଥିଲେ ଯେ ଏହି ଜଗତରେ
ସବୁ ଧରମ ସମାନ
ମାନବର ସେବା ହିଁ ଭଗବାନଙ୍କର
ଅଟେ ପ୍ରକୃତ ପୂଜନ (୨)
ଚିକାଗୋ ସହର ଧର୍ମସଭା ଠାରେ
ଦେଇଥିଲେ ସେ ଭାଷଣ
ଭାଷଣକୁ ଶୁଣି ଯେତେ ଶ୍ରୋତାମାନେ
ମନ୍ତ୍ରମୁଗ୍ଧ ହେଲେ ଜାଣ (୩)
ହିନ୍ଦୁଧରମର ବିଶେଷତ୍ୱ ସବୁ
ଶ୍ରୋତାମାନେ ଥିଲେ ଶୁଣି
ଖୁସି ଦେଇଥିଲେ ଶ୍ରୋତାଙ୍କ କର୍ଣ୍ଣରେ
ଜଗତ ଭ୍ରାତୃତ୍ୱବାଣୀ (୪)
ହିନ୍ଦୁଧରମକୁ ବଞ୍ଚାଇ ରଖିବା
ବିବେକାନନ୍ଦଙ୍କ ଭଳି
ହିନ୍ଦୁଧର୍ମ ଛାଡି ଅନ୍ୟ ଧର୍ମ ନାମେ
କାହିଁକି ଯାଉଛ ଭୁଲି (୫)

*କୁରୁମାଟୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*



# ଆସେ ମକର

*ନୀଳମଣି ଚାନ୍ଦ*

ଆସେ ମକର
ଦିନ ବଢ଼ିବରେ ହୋଇ ବକର
ବଢିଆ ଯୋଗ
ହେବ ଛେନା ଗୁଡ଼, ଚାଉଳ ଭୋଗ ।

ନଭେ ତପନ
କରିବେ ମକର ରାଶି ଚଳନ
ଉତ୍ତରାୟଣ
ଗତି ହେବ ତାଙ୍କ କହେ ନାରଣ ।

ପୋଙ୍ଗଲ, ଭୋଗୀ
ପରବ ସେଦିନ ହୁଏ କା' ଲାଗି
ଟୁସୁ ପରବ
ମନେଇବ ଡୋରା କରେ ଗରବ ।

ମକର ମେଳା
ଚାଲିବରେ ଗଞ୍ଜା ଲଢେଇ ଖେଳା
କେତେଯେ ଗୁଡ଼ି
ଲାଞ୍ଜି ହଲେଇକି ଯିବେରେ ଉଡ଼ି ।

ଠିକ୍ ଏ ଦିନ
ନେଇଥିଲେ 'ବ୍ୟାସକବି' ଜନମ
ଭୁଲିବା ନାଇଁ
ସେ କଥାସମ୍ରାଟ ଆମରି ପାଇଁ ।

ଆସେ ମକର
ପାଳିବାକୁ ମନ ସ୍ଥିରଟି କର
ନେବା ତା ମଜା
ମକର ଗାଥାଟି କହିବେ ଅଜା ।

*ମନ୍ତ୍ରମାନୋର,ଗୋଠପାଟଣା,ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



# ନୂଆ ବରଷ ଦେବ ହରଷ

*ପ୍ରଶାନ୍ତ କୁମାର ଦାଶ*

ବଢି ମରୁଡି ଅଭାବ ଦାଉ
ଆମ ଦେଶରେ ନରହୁ ଆଉ
ମିଳୁ ସଭିଙ୍କୁ ସୁଖ
ଆସ ହେ ଆସ ନୂଆବରଷ
ଦୂରେଇ ଯାଉ ଦୁଃଖ ॥

ସାରା ଦେଶତ ଗୋଟିଏ ଘର
ଏକତା ଥିଲେ ନାହିଁରେ ଡର
ଭୁଲି ଜାତିର ଭେଦ
ପୋଛିବା ଲୁହ ତଡିବା କୋହ
କୋଟି ମଣିଷ ଖେଦ ॥

ତମସା ଘେରା ମୁଲକ ଆମ
କରିବା ତାକୁ ସରଗଧାମ
ନୂଆ ଶପଥ ନେଇ
ଆପଣା ପର ଭେଦ ଭାବନା
ରଖିବା ନାହିଁ କେହି ॥

ନୂଆ ସପନ ନବୀନ ଆଶା
କହିବା ଆମେ ମଧୁର ଭାଷା
ନୂଆ ଭାବନା ନେଇ
ହେବାରେ ଦିନେ ଭଲମଣିଷ
ସୁଖ ଆଶିଷ ପାଇ ॥

ନୀଳାଚଳିଆ ଜଗତସାଇଁ
ତାପରି ଦିଅଁ ଜଗତେ ନାହିଁ
ହେବେ ଆମକୁ ସାହା
ନୂଆବରଷେ ଶାନ୍ତି ହରଷେ
ପାଇବା ନୂଆ ରାହା ॥

ଶାନ୍ତିର ନୂଆ ସଂଗୀତ ଗାଇ
ଏଇ ଦେଶର ଭଉଣୀ ଭାଇ
ନାଚିବା ଦୁଃଖ ଭୁଲି
ନୂଆବରଷେ ଖାଇବା କୋଳି
ବଣବୁଦାରେ ବୁଲି ॥

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଆସୁଅଛି ମକର

*ସୁଧାକର ରାଉତ*



ଶୀତର ପ୍ରକୋପ ହ୍ରାସ କରିବାକୁ
ମକର ସଂକ୍ରାନ୍ତି ଆସି
ସହର ନଗର ପୁରପଲ୍ଲୀରେ ସେ
ଆନନ୍ଦେ ବାଣ୍ଟଇ ଖୁସି ।
ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଯେ
ଆଜିଠୁ ଆରମ୍ଭ ହେବ
ରାତିର ଆୟୁଷ କମି କମି ଯାଇ
ଦିନ ଆୟୁ ବଢ଼ି ଯିବ ।
ସବୁ ଦେବା ଦେବୀ ମନ୍ଦିରରେ ଭକ୍ତେ
ଭକ୍ତିର ପସରା ଧରି
ପବିତ୍ର ମନରେ ପ୍ରାର୍ଥନା କରିବେ
ଢାଳିବାକୁ ସୁଖ ବାରି ।
ଚାଉଳ, ଗୁଡ, ଛେନା, ନଡ଼ିଆ ମିଶି
ମକର ଚାଉଳ ନାମେ
ଦେବୀ ଦେବତାଙ୍କୁ ହୁଅଇ ଅର୍ପିତ
ଆମର ଉତ୍କଳ ଧାମେ ।

ସୁଆଦିଆ ମକର ଚାଉଳ ଖାଇ
ବଡ ସାନ ସର୍ବେ ମିଳି
ଗୁଡ଼ି ଉଡ଼ାଇବାରେ ମଜି ଯାଆନ୍ତି
ସ୍ନେହ, ପ୍ରୀତି ଦେହେ ବୋଳି ।
ସାରା ଭାରତର ଏ ନିଆରା ପର୍ବ
ଜପ, ତପ, ଶ୍ରାଦ୍ଧ, ଦାନେ
ସବୁରି ହୃଦୟେ ରାଜୁତି କରଇ
ନାନା ନାମେ ନାନା ସ୍ଥାନେ ।
ଆମ ସଂସ୍କୃତି ଆମ ପରମ୍ପରା ମହତ୍ତ୍ୱ
ଗାଏ ଏ ମକର ପର୍ବ
ଭେଦ ଭାବ ଭୁଲି ପାଳିଲେ ଏହାକୁ
ରହିବ ଦେଶର ଗର୍ବ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ନୂଆ ବରଷ ଆସିଛି....

*ଗୋପୀନାଥ ଦାଶ*

ତାଜା ବରଷର ସୁନେଲି କିରଣ
ବିଛାଇ ହୋଇପଡିଛି
ନୂଆଁ ବରଷର ନୂଆଁ ସନ୍ଦେଶ
ନବୀନ ପୁଲକ ଭରିଛି ।
ଏକତା ବନ୍ଧନେ ଏକାଠି କରିଛି
ସଭିଙ୍କୁ ନବ ବରଷ
ସାଥି ହୋଇ ପୁଣି ବରଷେ ରହିବ
ବିତି ଯିବ ଦିନ ମାସ ।
ନବ ବରଷର ପହିଲା ତାରିଖ
ଆଣିଛି ହର୍ଷ ଉଲ୍ଲାସ
ଦୁଇହଜାର ଛବିଶ କଟିଯାଉ ଶୁଭେ
ପୂରଣ ହେଉ ଅଭିଳାଷ ।
ଅଧୁରା ସ୍ୱପ୍ନକୁ ସାକାର କରିବ
ଆସିଛି ନୂଆଁ ବରଷ
ପରସି ଦେବ ସମୃଦ୍ଧି ସଫଳତା
ଫୁଟାଇବ ଓଠେ ହସ ।
ନୂତନ ବରଷେ ନେବାରେ ଶପଥ
ନିର୍ମଳ ରଖିବା ମନ
ରାଷ୍ଟ୍ର ହିତ ପାଇଁ କରିଯିବା କାମ
ଉତ୍ସର୍ଗ କରିବା ପ୍ରାଣ ।

*ବଲାଙ୍ଗିର*
*ମୋ-୬୩୭୧୮୦୫୦୭୦*

# ନୂଆ ବରଷ ଭର ହରଷ

*ନିରଞ୍ଜନ ସାହୁ*



ନୂଆ ବରଷ ଦିଅ ପରଶ
ସରସ ସବୁ ହେଉ
ସୁଖଶାନ୍ତିରେ ସମୟ ଯାଉ
ଦୁଃଖ ବିଦାୟ ନେଉ ।
ଆଖିର ଲୁହ ଛାତିର କୋହ
ଯନ୍ତ୍ରଣା ହେଉ ଶେଷ
ଯୁଦ୍ଧର ଭୟ ଦୂରେଇ ଯାଉ
ଶାନ୍ତି ବିରାଜୁ ଦେଶ ।
ପେଟର ଭୋକ ତଣ୍ଟିର ଶୋଷ
ନଥାଉ କାହା ପାଇଁ
ରୋଗ ଦାଉରୁ ରକ୍ଷା ମିଳିବ
କୃପା କରନ୍ତୁ ସାଇଁ ।

ବନ୍ୟା, ବତାସ, ଭୂମିକମ୍ପର
ନଥାଉ ଟିକେ ଦାଉ
ମରୁଡି, ବାଢ଼ି, ଘରପୋଡ଼ିର
ଭାଉ ଏସନ ଥାଉ ।
ଚାଷକ୍ଷେତରେ ସୁନାଫସଲ
ଚାଷୀ ଓଠରେ ହସ
ଧର୍ମ କର୍ମରେ ସମୟ କଟୁ
ଝରାଅ ଭକ୍ତି ରସ ।
ଋତୁ ତାଙ୍କର ଧର୍ମ ପାଳନ୍ତୁ
ଅଛି ଆମର ଆଶା
ସଭିଙ୍କ ତୁଣ୍ଡେ ଉଚ୍ଚାରି ଉଠୁ
ଅତି କୋମଳ ଭାଷା ।

ଶିକ୍ଷା ଦୀକ୍ଷାରେ ଉନ୍ନତ ହେଉ
ବିଶ୍ୱର ଦେଶ ସବୁ
ବାଣିଜ୍ୟ ଚାଲୁ ଲକ୍ଷ୍ମୀ ଆସନ୍ତୁ
ଦାରିଦ୍ର୍ୟ ଯାଉ ଭବୁ ।
ମାନବିକତା ମରି ନ ଯାଉ
ସହାବସ୍ଥାନ ଆସୁ
ଭାଇଚାରାଟା ବଜାୟ ରହି
କଳିକଜିଆ ନାଶୁ ।
ପ୍ରଗତି ଚକ ଆଗକୁ ଗଡୁ
ତୁମରି ଆଗମନେ
ସାରା ବସୁଧା କୁଟୁମ୍ବ ପରି
ଭାବନ୍ତୁ ସର୍ବ ଜନେ ।
ନୂଆ ବରଷ ଦେଇ ହରଷ
ବାଣ୍ଟନ୍ତୁ ଖୁସିବାସି
ନୂଆ ପୁଲକ ସଂଚାର କର
ସର୍ବ ସଙ୍କଟ ନାଶି ।
ଶୁଭଦାୟକ କରି ଥାଆନ୍ତୁ
ଧୀରେ ପକାଇ ପାଦ
ଆମ ମନରୁ ଦୂରେଇ ଯାଉ
ଗ୍ଲାନି ଓ ଅବସାଦ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଆସୁଛି ପବିତ୍ର ମକର ଯାତ

*ରାମଚନ୍ଦ୍ର ବେହେରା*





ଆସୁଛି ପବିତ୍ର ମକର ଯାତ
ଗୁଡି ଉଡାଇବା ମିଶି ସଂଗାତ
ଗାଇବା ଖୁସିରେ ଗୀତ
ଉତ୍ତର ଦିଗକୁ ଫେରିବେ ସୂରୁଜ
କମିବ ଧରାରୁ ଶୀତ ।
ଦିନ ବଡ ହେବ ବଢିବ ଖରା
ନାନା ଜାତି ପୁଷ୍ପେ ହସିବ ଧରା
ମନ୍ଦିରକୁ ଯିବେ ଜନେ
ମକର ଚାଉଳ ରାଶିଲଡୁ ଦେଇ
ଦିଅଁଙ୍କୁ ପୂଜିବେ ଧ୍ୟାନେ ।
ସାରା ଦେଶବାସୀ ବିଭିନ୍ନ ପ୍ରାନ୍ତେ
ସୂର୍ଯ୍ୟଙ୍କୁ ପୂଜିବେ ଭକତି ଚିତ୍ତେ
ସୂର୍ଯ୍ୟ ପରା ଶକ୍ତିଦାତା

ଆମେ ଶ୍ରଦ୍ଧାସହ ପୂଜିବା ତାହାଙ୍କୁ
ନରହିବ ରୋଗ ଚିନ୍ତା ।
ପଞ୍ଜାବରେ ଏହି ପର୍ବକୁ ଜନେ
ହରଷେ ପାଳିବେ ଲୋହଡି ନାମେ
ଦକ୍ଷିଣ ଭାରତେ ସର୍ବେ
ପୋଙ୍ଗଲ ନାମରେ ଏ ପର୍ବ ପାଳିବେ
ରଙ୍ଗୋଲି ସଜାଇ ଗର୍ବେ ।

ଗାଆଁରେ ଲାଗିବ ମକର ମେଳା
ବୁଲିଯିବେ ସର୍ବେ ନକରି ହେଳା
ଆମେ ଯିବା ମେଳି ହୋଇ
ବାଛି ବାଛି କିଛି ପୁସ୍ତକ କିଣିବା
ଜ୍ଞାନର ବିକାଶ ପାଇଁ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ଆସିଯାଇଛି ନୂଆ ବରଷ

*ଧ୍ରୁବ ଚରଣ ଘିବେଲା*

ଆସିଯାଇଛି ନୂଆ ବରଷ
ନୂଆ ଅତିଥି ହୋଇ
ଆସିଛ ତୁମେ ହରଷ ମନେ
ସୁଖ ସନ୍ଦେଶ ନେଇ ।
ଭରିବ ଆମ କୁନି ଓଠରେ
ପୀୟୂଷ ଭରା ହସ
ଓଠରେ ଆମ ଚହଟୁଥିବ
ହସଫୁଲର ବାସ ।
ଓଠରୁ ଓଠ ହସ ଚହଟି
ମହକିଯିବ ଧରା
ସୁଖ ସନ୍ତୋଷ ଶାନ୍ତି ବିରାଜି
ରହିବ ହରା ଭରା ।
ଅତୀତ ହୋଇ ଯାଇଛି ଆଜି
ଦି' ହଜାର ପଚିଶି
କାହାର କେତେ ସ୍ୱପ୍ନ ପୂରଣ
ରହିଲା କା'ର ବାକି ।
ଅଟକି ଯିବା ନାହିଁ କେଉଁଠି
ବରଷ ଗଲେ ଫେରି
ନୂଆ ସପନ ଦେଖିବା ଆମେ
ନୂଆରେ ଆଶା ଭରି ।
ନୂଆ ଆଶାରେ ବିଶ୍ୱାସ ରଖି
ଆଗକୁ ଯିବା ମାଡ଼ି
ପଚିଶି ଗଲା କା' ପାଇଁ କେତେ
ସୁଖଦୁଃଖକୁ ଛାଡ଼ି ।
ପଚିଶି ଯାଇ ଆସିଛି ଆଜି
ଛବିଶି ନୂଆବର୍ଷ
ଆସିଯାଇଛି ନୂଆ ବରଷ
କରିଛୁ କେତେ ଆଶ ।

*ବଉଦରାଜ, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୮ ଜାନୁଆରୀ ୨୦୨୬ ଗୁରୁବାର





# ସାଧାରଣତନ୍ତ୍ର ଦିବସ ପାଳନ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରରେ ଆସନ୍ତା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ପରିପ୍ରେକ୍ଷୀରେ ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଅଧ୍ୟକ୍ଷତା କରି କହିଲେ ଯେ ସାଧାରଣତନ୍ତ୍ର ଦିବସ ହେଉଛି ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ସମ୍ମାନର ପ୍ରତୀକ । ମହାତ୍ମା ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଓଡ଼ିଶାର ମହାମହିମ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ଉତ୍ସବକୁ ଅତ୍ୟନ୍ତ ଶୃଙ୍ଖଳିତ, ଆଧୁନିକ ଓ ଆକର୍ଷଣୀୟ ଭାବରେ ପାଳନ କରିବାକୁ ସେ କହିଥିଲେ । ଉତ୍ସବର ପ୍ରତ୍ୟେକ ଆୟୋଜନ ଯଥା-ପାରେଡ୍, ସାଜସଜ୍ଜା, ଆମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥା, ସୁରକ୍ଷା, ସମୟାନୁବର୍ତ୍ତିତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ବୈଠକରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ ଓ ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଭାତରେ ରାମଧୁନ୍ ପରିବେଷଣ କରି ଦେଶପ୍ରେମ ଭାବନା ସୃଷ୍ଟି କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହା ସହ ପତାକା ଉତ୍ତୋଳନ ସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଉତ୍ସବ ସ୍ଥଳର ସାଜସଜ୍ଜା ଓ ପ୍ରଜ୍ଞାପନ ମେଢ଼ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ସାଧାରଣତନ୍ତ୍ର ଦିବସ ପାଳନକୁ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଅଧିକ ଆକର୍ଷଣୀୟ ଓ ସୁବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ବୃଦ୍ଧି କରାଯିବ ବୋଲି ବୈଠକର ଆଲୋଚନାରୁ ଜଣାପଡ଼ିଛି । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାଗୁଡ଼ିକରେ ଆଲୋକ ସଜ୍ଜା କରାଯିବା ସହ ସମସ୍ତ ବ୍ୟବସ୍ଥାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜରୁରୀକାଳୀନ ମକ୍ ଡ୍ରିଲ୍ ସହିତ ଶୂନ୍ୟ କ୍ଷତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ବେଦାନ୍ତ

**ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ**
ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ଲାଞ୍ଜିଗଡ଼ ବିଶୋଧନାଗାରରେ ସଫଳତାର ସହ ଏକ ଜରୁରୀକାଳୀନ ମକ୍ ଡ୍ରିଲ୍ ପରିଚାଳନା କରିଛି ଯାହା ବଡ ଧରଣର ବିପଦ ମୁକାବିଲା ପାଇଁ ପ୍ରସ୍ତୁତିକୁ ମଜବୁତ କରିବା ସହ ଏହାର ଜରୁରୀକାଳୀନ ପଦେକ୍ଷପ ଯୋଜନାକୁ ସୁଦୃଢ କରିଛି । ଏହି କାର୍ଯ୍ୟକ୍ରମ କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ କରିବା ସହିତ ଶୂନ୍ୟ କ୍ଷୟକ୍ଷତି ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଥିଲା । କମ୍ପାନୀର ଥିବା ରେଡ୍ ମଡ୍ ପୋଖରୀ ସ୍ଥାନରେ ଏକ କାଳ୍ପନିକ ପରିସ୍ଥିତି ପ୍ରଦର୍ଶନ କରାଯାଇଥିଲା ଯେଉଁଠାରେ ନିୟମିତ କାର୍ଯ୍ୟ ସମୟରେ ହଠାତ୍ ରେଡ୍ ମଡ୍ ବନ୍ଧ ଭୁଶୁଡ଼ିବା ପରେ ଜଣେ ଏକ୍ସକେଭେଟର ଅପରେଟର ଫସି ରହିଥିଲେ । କାର୍ଯ୍ୟ ବନ୍ଦ ସହିତ




ଦୁର୍ଘଟଣା ରୋକିବା ପାଇଁ ଶକ୍ତି ଉତ୍ସକୁ ନିୟନ୍ତ୍ରଣ କରି ଏହି ଅଞ୍ଚଳକୁ ତୁରନ୍ତ ବିଚ୍ଛିନ୍ନ କରାଯାଇଥିଲା । ଉପଯୁକ୍ତ ପିପିଇ ଏବଂ ସ୍ୱତନ୍ତ୍ର ଉପକରଣ ବ୍ୟବହାର କରି ଫସି ରହିଥିବା ଅପରେଟରଙ୍କୁ ସୁରକ୍ଷିତ ଭାବେ ୪ରୁ ୬ ମିନିଟ୍ ମଧ୍ୟରେ ଉଦ୍ଧାର କରାଯାଇଥିଲା ଏବଂ ସହାୟକ ଦଳଗୁଡ଼ିକୁ ନିୟୋଜିତ କରାଯାଇଥିଲା । ଏହି ଡ୍ରିଲ୍ ସମସ୍ତ ଲକ୍ଷ୍ୟ ହାସଲ ସହିତ ଲକ୍ଷ୍ୟଧାର୍ଯ୍ୟ ସମୟସୀମା, ଯୋଗାଯୋଗ ଏବଂ କ୍ରସ୍-ଫଙ୍କସନାଲ୍ ସମନ୍ୱୟକୁ ସଫଳତାର ସହ ସମାପ୍ତ କରିଥିଲା । ଭବିଷ୍ୟତର ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ପାଇଁ ପର୍ଯ୍ୟବେକ୍ଷଣ ଏବଂ ଉନ୍ନତି ପଏଣ୍ଟଗୁଡିକର ଡକ୍ୟୁମେଣ୍ଟସନ କରାଯାଇଛି । ଏହି ଅଭ୍ୟାସ ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ପ୍ରସ୍ତୁତି ହେଉଛି ଏକ ନିରନ୍ତର ପ୍ରକ୍ରିୟା । ନିୟମିତ ମକ୍ ଡ୍ରିଲ୍ ଆମ ଦଳକୁ ଜଟିଳ ପରିସ୍ଥିତିରେ ଗତି, ସ୍ପଷ୍ଟତା ଏବଂ ଆତ୍ମବିଶ୍ୱାସର ସହ ମୁକାବିଲା କରିବାରେ ସାହାଯ୍ୟ କରିଥାଏ । ଆମ ବ୍ୟବସ୍ଥାଗୁଡ଼ିକର ନିୟମିତ ଭାବେ ପରୀକ୍ଷଣ କରି ଆମେ ସୁନିଶ୍ଚିତ କରୁଛୁ ଯେ ଆମର ଲୋକ, କାର୍ଯ୍ୟକ୍ଷେତ୍ର ଏବଂ ପଡ଼ୋଶୀ ସମ୍ପ୍ରଦାୟ ଯେଭଳି ସୁରକ୍ଷିତ ଏବଂ ନିରାପଦ ରହିବେ ।" ସୁରକ୍ଷା ପ୍ରତି କମ୍ପାନୀର ସ୍ୱଚ୍ଛ ଏବଂ ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରୁଥିବା ମକ୍ ଡ୍ରିଲ୍ କାରଖାନାର ବରିଷ୍ଠ ନେତୃତ୍ୱ ଏବଂ ଗୋଷ୍ଠୀ ପ୍ରତିନିଧିଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା । ବେଦାନ୍ତ ଆଲୁମିନିୟମ ଏହାର ସମସ୍ତ କାର୍ଯ୍ୟରେ ବିଶ୍ୱସ୍ତରୀୟ ସୁରକ୍ଷା ଅଭ୍ୟାସ ଉପରେ ଧ୍ୟାନ ଜାରି ରଖିଛି । ଓଡ଼ିଶା କାରଖାନା ଏବଂ ବଏଲର ନିର୍ଦ୍ଦେଶାଳୟ, ଏନଡିଆରଏଫ୍ ଏବଂ ଓଡ୍ରାଫର ସମନ୍ୱୟରେ ଆୟୋଜିତ ନିୟମିତ ମକ୍ ଡ୍ରିଲ୍ ବ୍ୟତୀତ ବେଦାନ୍ତ ଲାଞ୍ଜିଗଡ ଏକାଧିକ ସୁରକ୍ଷା ପଦକ୍ଷେପ କାର୍ଯ୍ୟକାରୀ କରିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ ଓଡିଶା...

ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯିବ । ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷା ଦିଆଯିବ । ଏହାଦ୍ୱାରା ଶିକ୍ଷାର ବାତାବରଣ ସୁଦୃଢ ହେବା ସହିତ ପିଲାମାନେ ସର୍ବୋତ୍ତମ ଏବଂ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ । ଆଜି ରାଜ୍ୟର ୩୦ଟି ଜିଲ୍ଲା ପାଇଁ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା । ଏଗୁଡିକ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ । ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ଏବଂ ରାଜ୍ୟର ପ୍ରତି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ସେ କହିଥିଲେ ।

ସେ ଆହୁରି କହିଥିଲେ, ଏହି ଯୋଜନାରେ ଶିକ୍ଷକ ଶିକ୍ଷୟତ୍ରୀଙ୍କର ଦକ୍ଷତା ଏବଂ ଅଭିଜ୍ଞତା କିପରି ବୃଦ୍ଧି ପାଇବ ଏଥିପାଇଁ ଆମ ସରକାର ପ୍ରଶିକ୍ଷଣ ଏବଂ ବୃତ୍ତିଗତ ବିକାଶ, ମେଣ୍ଟରସିପ, କ୍ୟାରିଅର ପରାମର୍ଶ ଆଦି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଯୋଜନାର ଆଭିମୁଖ୍ୟ ଦେଖି ଅନେକ ରାଜ୍ୟ ମଧ୍ୟ ଏହାକୁ ମଡେଲ ଭାବେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଥିଲେ ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ରଖି କହିଲେ ଯେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରାଜ୍ୟରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଏହି ଯୋଜନା ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରସୂତ ଯୋଜନା । ରାଜ୍ୟରେ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଯେଉଁ ଗ୍ୟାପ ପରିଲକ୍ଷିତ ହେଉଛି ଏହି ଯୋଜନା ତାକୁ ଦୂର କରିବ ।

ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିଛନ୍ତି । ଘରକୁ ଘର ଯାଇ ଚାଇଲ୍ଡ ଟ୍ରାକିଂ ସର୍ଭେ କରାଯାଉଛି, ଯେପରି ଜଣେ ବି କେହି ପାଠ ପଢ଼ାରୁ ବଞ୍ଚିତ ନହେବେ, ତାକୁ ଦୃଷ୍ଟିରେ ରଖି ଆମ ସରକାର ସବୁ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ ।

ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ଏହା ଏକ ବଡ଼ ପଦକ୍ଷେପ । ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ନଦେଲେ ପରବର୍ତ୍ତୀ ଶିକ୍ଷା ଦୁର୍ବଳ ହେବ, ଏହାକୁ ଚିନ୍ତା କରି ମୁଖ୍ୟମନ୍ତ୍ରୀ ଏହି ଯୋଜନା ପରିକଳ୍ପନା କରିଛନ୍ତି । ଜଣେ ଶିକ୍ଷକ ମନରେ ସ୍ୱପ୍ନ ଥାଏ ଛାତ୍ରର ଉତ୍ତମ ଭବିଷ୍ୟତ । ବୋଧହୁଏ ପୂର୍ବରୁ ଶିକ୍ଷକ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ମନ ଭିତରେ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀଙ୍କ ସୁଦୃଢ ଭବିଷ୍ୟତ ନିର୍ମାଣ ପାଇଁ ଏହି ଭାବନା ଆସିଥିଲା ।

ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର କହିଥିଲେ ଯେ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଶ୍ରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କର ସ୍ୱାଗତ ଭାଷଣରେ କହିଥିଲେ ଯେ, ଶିକ୍ଷା ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ । ପଣ୍ଡିତ ଗୋଦାବରୀଶଙ୍କର ଏହି ମହତ ଭାବନାକୁ ଦୃଷ୍ଟିରେ ରଖି ଏହି ଯୋଜନା ପ୍ରସ୍ତୁତ କରାଯାଇଛି ।

କାର୍ଯ୍ୟକ୍ରମରେ ବଲାଙ୍ଗୀର, କେନ୍ଦୁଝର, ନବରଙ୍ଗପୁର ଏବଂ ପୁରୀ ଜିଲ୍ଲାରୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ପାଇଁ ଅଭାସି ଜରିଆରେ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ ଜଗଦ୍ଦେବ, ବିଧାୟକ ଜଟଣୀ ବିଭୂତି ବଳବନ୍ତରାୟ, ବିଧାୟକ ବେଗୁନିଆ ପ୍ରଦୀପ ସାହୁ, ବିଧାୟକ ଏକାମ୍ର ଭୁବନେଶ୍ୱର ବାବୁ ସିଂ, ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ଓ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ପ୍ରମୁଖ ମଞ୍ଚାସୀନ ଥିଲେ ।

## ଏପ୍ରିଲରୁ ଓଡ଼ିଶାରେ...

ଆପରୁ ସ୍କ୍ରିନ ସଟ ମଧ୍ୟ ନେଇପାରିବେ ନାହିଁ । ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ଅନଲାଇନରେ ହେବ । ପୁରା ପ୍ରକ୍ରିୟାକୁ ଉଚ୍ଚ ସ୍ତରୀୟ ମନିଟରିଂ କରାଯିବ । ୧୦୦ ପ୍ରତିଶତ ସଠିକ ଗଣନା କରାଯିବାକୁ ପଦକ୍ଷେପ ନିଆଯାଉଛି ।

## ଓଡ଼ିଶା ବିକାଶ...

ଏବଂ ପ୍ରଶାସନିକ ସଂସ୍କାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ୧୫-ସୂତ୍ରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଉପେ ଗୁରୁତ୍ୱ ଦିଆଯାଇଥିଲା ।

ନିଯୁକ୍ତି ଓ ପ୍ରାଶାସନିକ ସଂସ୍କାର, ଅର୍ଥନୈତିକ ଲକ୍ଷ୍ୟ ଓ ଭିତ୍ତିଭୂମି ବିକାଶ, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ନେଇ ସରକାରଙ୍କ ପକ୍ଷରୁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଯାହା ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ତାକୁ ସରକାରୀ ୱେବସାଇଟ୍ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ରହିଛି । ବିଶେଷକରି ସରକାରୀସ୍ତରରେ ଖାଲିପଡିଥିବା ପଦବୀଗୁଡିକୁ ପୂରଣ କରିବା ଉପରେ ପ୍ରାଥମିକତା ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି ।

## ନବୋଦୟ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଜରିଆରେ ପରୀକ୍ଷା କରାଇଥିଲେ । କିଛି ପିଲା ଜଣ୍ଡିସ୍‌ରେ ଆକ୍ରାନ୍ତ ଥିବା ଜଣାପଡିବା ପରେ ସେମାନଙ୍କୁ ଚିକିତ୍ସା କରାଯାଇଥିଲା ।

ଅନ୍ୟପକ୍ଷରେ ବିଦ୍ୟାଳୟରେ ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସାଙ୍ଗକୁ ନିୟମିତ ଭାବେ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର ପାଇଁ ଟଙ୍କି ସଫେଇ ମଧ୍ୟ କରାଯାଇଥିଲା ।

## ୨୬ ମାଓବାଦୀଙ୍କ...

ବେଚି ମାସା ଏବଂ ହେମଲା ଦସରୁ । ଅନ୍ୟ ନକ୍ସଲମାନେ ହେଲେ ସିଏନଏମ ସଦସ୍ୟ ବିଜୟ ମୁଚାକି, ମିଲିସିଆ ସଦସ୍ୟ ମାଡକମ ମୁଚାକି, ଆକାଶ ମୁଚାକି, ମିଡିୟମ ସୁରେଶ, ମୁଚାକି ବୁଦରା, ମୁଚାକି ମୁଡା, ମାଡବୀ ହିଡମା, ମାଡବି ସୁକ୍କା, ମାଡକମ ହୁଙ୍ଗା, ସୁମଡମ ରାଜୁ, ବେଚି ବୁଧୁ, ମାଡକମ ଗୋଚେ ଏବଂ ମାଡବୀ ଭୀମା । ପ୍ରଶାସନ ତରଫରୁ ସମସ୍ତଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ । ଏଥିସହ ମାସିକ ୧୦ ହଜାର ଟଙ୍କା ୩ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ସରକାରଙ୍କର ସମସ୍ତ ସୁବିଧା ସୁଯୋଗ ଏମାନେ ପାଇବେ ବୋଲି ପୁଲିସ କହିଛି । ତେଣୁ ଯେଉଁମାନେ ବି ବର୍ତ୍ତମାନ ଜଙ୍ଗଲରେ ହିଂସା ଘଟାଇ ବୁଲୁଛନ୍ତି ସେମାନେ ତୁରନ୍ତ ମୁଖ୍ୟସ୍ରୋତକୁ ଚାଲି ଆସନ୍ତୁ ବୋଲି ଆହ୍ୱାନ ଦିଆଯାଇଛି ।

## ୩ଟି ବାଇପାସ୍ ...

ପୁବୁଶାହୀରେ ୩ଟି ବାଇପାସ୍ ଏବଂ ଏନ୍‌ଏଚ୍-୫୭ର ଅତ୍ରି ଓ ବାଘମାରି ନିକଟରେ ଅଣ୍ଡରପାସ୍ ନିର୍ମାଣ ପାଇଁ ଅନୁମୋଦନ ମିଳିଛି । ଏହି ସମସ୍ତ ପ୍ରକଳ୍ପ ପାଇଁ ପ୍ରାୟ ୧୧୧ କୋଟି ଟଙ୍କା ବ୍ୟୟ ହେବ ବୋଲି ସେ ସୂଚନା ଦେଇଛନ୍ତି ।

ଏହାସହିତ ଖୋର୍ଦ୍ଧା-ନୟାଗଡ଼ ରାସ୍ତା (ପ୍ରାୟ ୬୫ କିଲୋମିଟର) କୁ ୪ ଲେନ୍ କରିବା ଦାବି ମଧ୍ୟ ସାଂସଦ ରଖିଥିଲେ । କେନ୍ଦ୍ର ମନ୍ତ୍ରୀ ଏହି ପ୍ରସ୍ତାବକୁ ଯଥାବିଧି ପ୍ରକ୍ରିୟା ଅନୁସାରେ କାର୍ଯ୍ୟାନ୍ୱୟନ କରାଯିବ ବୋଲି ଆଶ୍ୱାସନା ଦେଇଥିବା ସେ କହିଛନ୍ତି ।

## ଶୀତଲହରୀରେ ...

୩ଡିଗ୍ରୀ । ଚଳିତ ଶୀତ ଋତୁରେ ଡିସେମ୍ବର ମାସରେ ୨୮ ତାରିଖରେ ୩.୫ ଡିଗ୍ରୀ ଏବଂ ୨୯ ତାରିଖରେ ୩.୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଜାନୁଆରି ମାସରେ ପୁଣି ଶୀତର ପ୍ରକୋପ ବୃଦ୍ଧି ପାଇଛି ।

ମଙ୍ଗଳବାର ତାପମାତ୍ରା ୬.୮ଡିଗ୍ରୀ ଥିବା ବେଳେ ୩.୮ଡିଗ୍ରୀ ତଳକୁ ଖସି ବୁଧବାର ତାପମାତ୍ରା ୩ଡିଗ୍ରୀ ରେକର୍ଡ଼ ହୋଇଛି । ଶିମିଳିପାଳରେ ଶୂନ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।ପ୍ରବଳ ଶୀତକୁ ଜାଡ଼ ଜନଜୀବନ ଅସ୍ତବ୍ୟସ୍ତ କରିଦେଲାଣି । ଦୁର୍ଗମ ଅଞ୍ଚଳ ମୁକୁଲିଙ୍ଗିଆ, ଲଏରେଜୁ, ଗୁନ୍ଦାବାଜୁ, ରେଟୁଡି, ଡଡ଼ାପଡ଼ା, ପ୍ରଭୃତି ଅଞ୍ଚଳରେ ପାରଦ ଆହୁରି ତଳକୁ ଖସିବା ଆଶଙ୍କା କରାଯାଉଛି ।ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡାର ସହର ଘୁ.ଉଦୟଗିରି ଚିହ୍ନଟ ହୋଇଥିବା ବେଳେ ଶୀତ ପାଇଁ ଚର୍ଚ୍ଚାରେ ଏହି ସହର । ଦିନରେ ବି ହାତ ଗୋଡ଼ କାଲ ମାରୁଛି । ଦିନରେ ସୂର୍ଯ୍ୟଙ୍କ ତାପ ଏବଂ ସଞ୍ଜ ନଇଁଲେ ନିଆଁର ଉତାପ ଭରଷାରେ ଜୀବନ । ଗରିବ ଅସହାୟ ଲୋକ ଶୀତ ପାଇଁ କଲବଲ ହେଉଛନ୍ତି । ଅନ୍ୟ ପଟେ କମ ତାପମାତ୍ରା ଏବଂ ଥଣ୍ଡା ଯୋଗୁଁ ଘୁ.ଉଦୟଗିରି ଅଞ୍ଚଳରେ ବାହାର ଜିଲ୍ଲା, ରାଜ୍ୟର ପର୍ଯ୍ୟଟକଙ୍କ ଭିଡ଼ ବି ଜମୁଛି ।

## ପ୍ରଭାବହୀନ ଟ୍ରମ୍ପଙ୍କ ...

ସରକାରୀ ଖର୍ଚ୍ଚ, ଶିଳ୍ପ ଉତ୍ପାଦନରେ ବୃଦ୍ଧି ଆଦି ସାମିଲ ରହିଛି ।

ସେହିପରି ଆର୍ଥିକ ବର୍ଷ ମଧ୍ୟରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଖାଉଟି ଚାହିଦା ବଢ଼ାଇବାରେ ସହାୟକ ହୋଇଛି । ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଆୟକର ରିହାତି ଏବଂ ସେପ୍ଟେମ୍ବର ୨୨ରୁ ଅନେକ ସାମଗ୍ରୀ ଉପରେ ଜିଏସଟି ହ୍ରାସ କରାଯାଇଛି । ଯାହା ଖୁଚୁରା ସ୍ତରରେ ଦର ହ୍ରାସ କରିବାରେ ସାହାଯ୍ୟ କରିଛି ।

ଏହି ଦୁଇଟି ପଦକ୍ଷେପ ଯୋଗୁଁ ଖାଉଟିଙ୍କ ହାତରେ ଅଧିକ ଖର୍ଚ୍ଚଯୋଗ୍ୟ ଆୟ ରହିବା ସହ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ପାଇଛି, ଫଳରେ ଏଫ୍‌ଏମ୍‌ସିଜି, କଞ୍ଜ୍ୟୁମର ଡ୍ୟୁରେବଲ୍ସ ଏବଂ ସେବା କ୍ଷେତ୍ରରେ ଚାହିଦା ବୃଦ୍ଧି ପାଇଛି ।

# ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**
ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫-୨୬ ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠାନ ଉଦ୍ଘାଟିତ ହୋଇଯାଇଛି । ଏହି ମେଳା ତା.୦୬.୦୧.୨୦୨୬ ଠାରୁ ୧୦.୦୧.୨୦୨୬ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ । ଗଜପତି ଜିଲ୍ଲାରେ ପ୍ରଥମ ଥର ପାଇଁ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ହୋଇଥିବାରୁ କୃଷକ ଭାଇ ଭଉଣୀମାନେ କୁଶି ବ୍ୟକ୍ତ ହୋଇଛନ୍ତି । ଏହି ମେଳାରେ ପାଞ୍ଚ ଗୋଟି ଜିଲ୍ଲା ତଥା ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଚାଷୀ ଯୋଗଦାନ କରିବେ । ଏହା ସହିତ ଏହି ଜିଲ୍ଲାର କୃଷି ଯନ୍ତ୍ରପାତି ବିତରକ ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି । ଏହି ମେଳାରେ ୧୧୦ ଗୋଟି ଷ୍ଟଲ୍ ରହିଛି । ଷ୍ଟଲ୍ ଗୁଡିକରେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ କରିବା ସହିତ ସରକାରଙ୍କ ରିହାତି ଦରରେ ବିକ୍ରୟ ଏବଂ କିଣାବିକାର ବ୍ୟବସ୍ଥା ରହିଛି ।



ପ୍ରଥମ ଦିନ ଉଦ୍ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି. ତିରୁପତି ରାଓ, ଅଧ୍ୟକ୍ଷ, ଜିଲ୍ଲାପରିଷଦ ଗଜପତି, ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଆରକ୍ଷୀ ଅଧିକ୍ଷକ ଗଜପତି ଯତୀନ୍ଦ୍ର କୁମାର ପଣ୍ଡା, ଗୋସାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ.ବୀରରାଜୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ, ନିର୍ବାହୀ ଯନ୍ତ୍ରୀ କୃଷି ରାୟଗଡ଼ା ଜିଲ୍ଲା ସନ୍ତୋଷ ମିଶ୍ର, କୃଷି ଜିଲ୍ଲା ଅଧିକାରୀ ଆର.ଉଦୟଗିରି ବିରଞ୍ଚି ନାରାୟଣ ମଙ୍ଗରାଜ ପ୍ରମୁଖ ମଞ୍ଚାସିନ ଥିଲେ । ସମସ୍ତ ଅତିଥି ଗଣ କୃଷକ ଭାଇ ଭଉଣୀମାନଙ୍କୁ ଉତ୍ସିତ କରିଥିଲେ । ଉକ୍ତ ଜିଲ୍ଲା କୃଷି ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, ସହକାରୀ ଜିଲ୍ଲା କୃଷି ଅଧିକାରୀ ଶ୍ରୀ କେ.ସୁରଜ କୁମାର ପାତ୍ର ସମେତ ସମସ୍ତ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

A-1234

e-PROCUREMENT NOTICE No. RLBCD-P1-10/2025-26
****************

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 06 (Six) Nos of work. |
| 3 | Estimated Cost | Varies From Rs.40.44 Lakhs to Rs.5.84 Lakhs |
| 4 | Period of Completion | 30 Days |
| 5 | Class of Contractor | Varies From "B' Class (Odisha P.W.D) and "C" & "D"(Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Varies From Rs. 6,000/- (Non-Refundable) and Rs. 4,000/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies From Rs. 40,440/- to Rs.5,840/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 08.01.2026 from 10.00 Hours to 17.01.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.19.01.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.04.02.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

# ଏସ୍‌ସିବି ମେଡିକାଲ ଛାତର ସିଲିଂ ଖସି ରୋଗୀ ଆହତ

**କଟକ, ନ୍ୟୁଜ ବ୍ୟୁରୋ**
ଏସସିବି ମେଡିକାଲ ଛାତର ସିଲିଂ ଜଣେ ରୋଗୀଙ୍କ ଉପରେ ଖସି ପଡିବାରୁ ଆହତ ହୋଇଛନ୍ତି ରୋଗୀ । ଖବର ଅନୁସାରେ ଏସସିବି ମେଡିକାଲର ପୁରୁଣା ମେଡ଼ିସିନ ୱାର୍ଡରେ ଏକ ଅଘଟଣ ଘଟିଛି । ଜଣେ ରୋଗୀ ଚିକିତ୍ସିତ ହେଉଥିବା ସମୟରେ ତାଙ୍କ ଉପରେ ଛାତର ସିଲିଂ ଖସି ପଡିଥିଲା । ସିଲିଂଟି ତାଙ୍କ ମୁଣ୍ଡ ଉପରେ ପଡିଥିଲା । ଫଳରେ ରୋଗୀ ଜଣକ ଆହତ ହୋଇଥିଲେ । ଆହତ ଅବସ୍ଥାରେ ରୋଗୀ ଜଣକୁ ଅନ୍ୟଏକ ବେଡ଼କୁ ସ୍ଥାନାନ୍ତର କରାଯାଇଛି ।




## ସମଗ୍ର ଶିକ୍ଷା ସୁବର୍ଣ୍ଣପୁର ଦ୍ୱାରା ନିଆଯାଇଥିବା ଅଭିନବ ପ୍ରୟାଶ

- ଚଳିତ ବର୍ଷ ୨୦୨୫-୨୬, ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବୈଜ୍ଞାନିକ ମନୋଭାବକୁ ସୁଦୃଢ କରିବା ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବିକାଶ କରିବା ଏହାର ମୂଳ ଲକ୍ଷ୍ୟ । ଏହି ଅଭିନବ ଶିକ୍ଷାଦାନକୁ ସୁଦୃଢ ଏବଂ ଉପଯୋଗୀ କରିବା ପାଇଁ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ମଧ୍ୟ ଦକ୍ଷତାବୃଦ୍ଧି ଦିଗରେ ପିଏମଶ୍ରୀ ଯୋଜନାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମ ସୁବର୍ଣ୍ଣପୁର ଜିଲ୍ଲାପାଇଁ ପର୍ଯ୍ୟାୟକ୍ରମେ ଅଦ୍ୟାବଧି ୧୫ ଗୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଥିବା) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ଆବଶ୍ୟକ ପାଣ୍ଠି ଯୋଗାଇ ଦେଉଛନ୍ତି ।
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଦିବ୍ୟାଙ୍ଗ ଶିକ୍ଷାର୍ଥୀ ମାନଙ୍କ ନିମନ୍ତେ ୫ ଗୋଟି କ୍ଲଷ୍ଟର ସ୍ତରୀୟ ସମ୍ବଳକେନ୍ଦ୍ର (ସକ୍ଷମ କେନ୍ଦ୍ର) ଓ ୬ ଗୋଟି ବ୍ଲକ ସ୍ତରୀୟ ସମ୍ବଳକେନ୍ଦ୍ର ମାନ ଖୋଲାଯାଇ ଦିବ୍ୟାଙ୍ଗ ଶିଶୁମାନଙ୍କ ଶିକ୍ଷଣସ୍ତର ବୃଦ୍ଧି ଓ ସେମାନଙ୍କ ଶିକ୍ଷଣ ଅଭିବୃଦ୍ଧିପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ବିଶେଷଜ୍ଞ ମାନଙ୍କଦ୍ୱାରା ଆବଶ୍ୟକ ଚିକିତ୍ସା ଯଥା;- ବାଣୀ ପ୍ରଶିକ୍ଷଣ, ବ୍ରେଲ ତାଲିମ ଓ ଭୌତିକ ଚିକିତ୍ସା କରାଯାଉଅଛି ।
- ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଶୁକୈନ୍ଦ୍ରିକ ଶିକ୍ଷଣ ଦ୍ୱାରା ପିଲାମାନେ ଉପକୃତ ହେଉଛନ୍ତି । ପିଲାଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ପାଇଁ ସମସ୍ତ ସରକାରୀ ବିଦ୍ୟାଳୟମାନଙ୍କରେ ପ୍ରାରମ୍ଭିକ ଭାଷା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟ ପୁସ୍ତିକାମାନ ମାଗଣାରେ ବଣ୍ଟନ କରାଯିବା ସହିତ ବିଷୟଭିତ୍ତିକ ପଠନ,ଶିକ୍ଷଣ ଉପକରଣ ଗୁଡିକ ଶିକ୍ଷକ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ଏହାକୁ ବିଦ୍ୟାଳୟର ପ୍ରତି ଶ୍ରେଣୀଗୃହ କୋଣ ମାନଙ୍କରେ ପ୍ରଦର୍ଶନ କରାଯାଉଅଛି ।
- ପିଲାଙ୍କ ଶିକ୍ଷଣ ପ୍ରକ୍ରିୟାକୁ ବୋଧଗମ୍ୟ ତଥା ଆନନ୍ଦମୟ/ ଶିଶୁ କୈନ୍ଦ୍ରିକ-ଶିକ୍ଷଣ ଶିକ୍ଷା ଯୋଗାଇଦିଆଯିବା ପାଇଁ ବିଭିନ୍ନ ସମୟରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଶିକ୍ଷା ତରଫରୁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଶିକ୍ଷଣ ଦକ୍ଷତା ଅଭିବୃଦ୍ଧି ତାଲିମ/ ବିଦ୍ୟାଳୟରେ ପିଲାଙ୍କ ସୁରକ୍ଷା ଓ ନିରାପତ୍ତା ତାଲିମ/ ପିଲାଙ୍କ ଭିତରେ ରହିଥିବା ଅନର୍ନିହିତ ଗୁଣାବଳୀ ବିକାଶ ତାଲିମ ଓ କର୍ମଶାଳା ମାନ ଆୟୋଜନ କରାଯାଉଛି ।
- ପଢ଼ିବା ଗଢ଼ିବା ଓଡ଼ିଶା – ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କ ପଠନ ଦକ୍ଷତା ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଏକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି ।
- **ପଞ୍ଚମ ଓ ଅଷ୍ଟମ** ଶ୍ରେଣୀ ପିଲାଙ୍କ ପାଇଁ ୨୦୨୫-୨୬ ଶିକ୍ଷାବର୍ଷରୁ ପାସ ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଇଛି ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

# ଓଡ଼ିଆ ସମେତ ଭାରତର ଶାସ୍ତ୍ରୀୟ ଭାଷାଗୁଡ଼ିକର ସମୃଦ୍ଧି ପାଇଁ ୫୫ଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତର ଭାଷାଗତ ଐତିହ୍ୟକୁ ସୁଦୃଢ଼ କରିବା ଏବଂ ଶାସ୍ତ୍ରୀୟ ଭାଷାଗୁଡ଼ିକୁ ଶିକ୍ଷା ଓ ଅନୁସନ୍ଧାନର କେନ୍ଦ୍ରବିନ୍ଦୁରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀର କୌଶଳ ଭବନରେ ୫୫ଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥର ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକଗୁଡ଼ିକ ଓଡ଼ିଆ, କନ୍ନଡ, ତେଲୁଗୁ, ମାଲାୟାଲମ, ତାମିଲ ଏବଂ ସାଙ୍କେତିକ ଭାଷାରେ ପ୍ରକାଶିତ ହୋଇଛି । ଏହି ସମସ୍ତ ପୁସ୍ତକ ଆଗାମୀ ପିଢ଼ି ପାଇଁ ଓଡ଼ିଶା ତଥା ଭାରତର ବୌଦ୍ଧିକ ଓ ସାଂସ୍କୃତିକ ବିଭବକୁ ବୁଝିବାରେ ଏକ ଅମୂଲ୍ୟ ସମ୍ପତ୍ତି ସଦୃଶ ହେବ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଅନୁଯାୟୀ ଭାରତର ସମସ୍ତ ଭାଷା ହେଉଛି ରାଷ୍ଟ୍ରଭାଷା । ଭାଷା ବିଭାଜନ ନୁହେଁ ବରଂ ସମସ୍ତଙ୍କ ମଧ୍ୟରେ ଏକତା ତିଆରି କରେ । 'ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦' ଅଧୀନରେ ଭାରତୀୟ ଭାଷାଗୁଡ଼ିକୁ ଶିକ୍ଷା ଓ ଗବେଷଣାର କେନ୍ଦ୍ରବିନ୍ଦୁରେ ରଖିବା ପାଇଁ ପ୍ରୟାସ ଜାରି ରହିଛି । ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାକୁ ସୁଦୃଢ଼ କରିବାରେ ଏହି ପୁସ୍ତକଗୁଡ଼ିକ ଏକ ମୂଲ୍ୟବାନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।' ଉନ୍ମୋଚିତ ପୁସ୍ତକଗୁଡ଼ିକ ମଧ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଅଧ୍ୟୟନ କେନ୍ଦ୍ର (ସିଇଏସସିଓ) ର ୧୦ଟି ବହୁମୂଲ୍ୟ ଗବେଷଣାତ୍ମକ ପୁସ୍ତକ ଅନ୍ତର୍ଭୁକ୍ତ, ଯାହା ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟ ମାନ୍ୟତାକୁ ଆହୁରି ସୁଦୃଢ଼ କରିବ । ଶ୍ରୀ ପ୍ରଧାନ କହିଛନ୍ତି, 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ଏକ ଗୌରବମୟ ମୁହୂର୍ତ୍ତ । ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାକୁ ସୁଦୃଢ଼ କରିବା ଏବଂ ଏହାର ସମୃଦ୍ଧ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଅଧ୍ୟୟନ କେନ୍ଦ୍ର ପକ୍ଷରୁ ୧୦ଟି ପ୍ରାଚୀନ ଓ ଗବେଷଣାତ୍ମକ ପୁସ୍ତକ ଉନ୍ମୋଚନ ସ୍ୱାଗତଯୋଗ୍ୟ । ଚର୍ଯ୍ୟାପଦ ଠାରୁ ଆରମ୍ଭ କରି ମାଦଳାପାଞ୍ଜି ପର୍ଯ୍ୟନ୍ତ, ଓଡ଼ିଆ ଭାଷାର ସମୃଦ୍ଧ ଶବ୍ଦ ସମ୍ଭାରକୁ ନେଇ ଏହି ପୁସ୍ତକଗୁଡ଼ିକ ଏକ ନୂତନ ପରିଚୟ ସୃଷ୍ଟି କରିବ । ବିଶେଷ କରି 'ମାଦଳାପାଞ୍ଜି'ର ଇଂରାଜୀ ଓ ହିନ୍ଦୀ ଅନୁବାଦ ଏବଂ 'ରୁଦ୍ରସୁଧାନିଧି'ର ଇଂରାଜୀ ଅନୁବାଦ ଓଡ଼ିଶାର ଇତିହାସ ଓ ଦର୍ଶନକୁ ଅଣ-ଓଡ଼ିଆ ପାଠକଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ । ଏହି ପ୍ରକାଶନଗୁଡ଼ିକ ଆଗାମୀ ପିଢ଼ିର ଗବେଷକ ଓ ଭାଷାପ୍ରେମୀଙ୍କ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ହୋଇ ରହିବ । ବିଶେଷ କରି 'ତିରୁକ୍କୁରଲ'ର ସାଙ୍କେତିକ ଭାଷା ସଂସ୍କରଣ ଏକ ଅନ୍ତର୍ଭୁକ୍ତ ଓ ସମାବେଶୀ ଭାରତର ଚିତ୍ର ଉପସ୍ଥାପନ କରିଛି । ଏହି ଅବସରରେ ମନ୍ତ୍ରୀ ଭାରତୀୟ ଭାଷା ସମିତି, ସିଆଇଆଇଏଲ, ସିଆଇସିଟି ଏବଂ ସମସ୍ତ ସେଣ୍ଟର ଅଫ୍ ଏକ୍ସଲେନ୍ସର ବିଦ୍ୱାନମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

ଉଲ୍ଲେଖନୀୟ ଯେ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଅଧ୍ୟୟନ କେନ୍ଦ୍ର (ସିଇଏସସିଓ) ର ୧୦ଟି ଗବେଷଣାତ୍ମକ ପୁସ୍ତକମାନ ହେଉଛି – ଜ୍ୟୋତିପ୍ରଭା ମହାନ୍ତିଙ୍କ 'ଓଡ଼ିଆ ଲୋକଭାଷା ଓ ସାହିତ୍ୟ ଭାଷା ; ସ୍ୱରୂପ ଓ ସମ୍ପର୍କ' ହିମାଦ୍ରୀ ତନୟା ମିଶ୍ରଙ୍କ 'ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ସ୍ୱରୂପ', ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇଙ୍କ ପ୍ରାଚୀନ ଓଡ଼ିଆ ଶବ୍ଦ ସମ୍ଭାର: ଚର୍ଯ୍ୟାପଦ, ପ୍ରାଚୀନ ଓଡ଼ିଆ ଶବ୍ଦ ସମ୍ଭାର: ରୁଦ୍ରସୁଧାନିଧି ଓ ପ୍ରାଚୀନ ଓଡ଼ିଆ ଶବ୍ଦ ସମ୍ଭାର: ଶିଳାଲେଖ, ଜେ. କେ. ନାୟକ ଏବଂ ଏ. ମହାପାତ୍ରଙ୍କ ମାଦଳାପାଞ୍ଜି (ଇଂରାଜୀ ଅନୁବାଦ), ସୁରେନ୍ଦ୍ର ପାଣିଗ୍ରାହୀଙ୍କ ମାଦଳାପାଞ୍ଜି (ହିନ୍ଦୀ ଅନୁବାଦ), ଗଙ୍ଗାଧର ପଣ୍ଡା ଏବଂ ପ୍ରମୋଦିନୀ ପଣ୍ଡାଙ୍କ ରୁଦ୍ରସୁଧାନିଧି (ଇଂରାଜୀ ଅନୁବାଦ), ଶ୍ରୀ ଦେବୀ ପ୍ରସନ୍ନ ନନ୍ଦଙ୍କ ଶିଳ୍ପ ଶବ୍ଦାବଳୀ ଏବଂ ସନ୍ତୋଷ କୁମାର ମହାପାତ୍ରଙ୍କ ଦ୍ୱାରା ରଚିତ ଚର୍ଯ୍ୟାପଦ – ଏକ ଆଲୋଚନା ଉନ୍ମୋଚନ ହୋଇଯାଇଛି ।

# କୁଆଖାଇରେ ବୁଡ଼ି ଦୁଇ ଛାତ୍ର ମୃତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**
କୁଆଖାଇରେ ବୁଡ଼ି ଦୁଇ ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଛି । ମଙ୍ଗଳବାରରେ ବଣଭୋଜି କରୁଥିବା ବେଳେ ଏହି ଦୁଇ ଛାତ୍ର ନଇରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ପକ୍ଷରୁ ଏମାନଙ୍କୁ ଖୋଜା ଖୋଜି କରିଥିଲେ । ସନ୍ଧ୍ୟା ସମୟରେ ଏହି ଦୁଇ ଛାତ୍ରଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ନିଆଯାଇ ଥିଲା । ସେଠାରେ ଡାକ୍ତର ଏମାନଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁଇ ଛାତ୍ର ଏକ ଘରୋଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ପାଠ ପଢୁଥିଲେ । ଏମାନଙ୍କ ନାଁ ପଙ୍କଜ ସାହୁ ଓ ପ୍ରତୀକ ପାଲୁର ବୋଲି ଜଣାପଡ଼ିଛି ।

## ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଜପତି

ଆସନ୍ତା ତା. ୦୬.୦୧.୨୦୨୬ ରିଖ ଠାରୁ ତା. ୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ, ପାରଳାଖେମୁଣ୍ଡି ପରିସରରେ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲର ମାନଙ୍କୁ ବହୁ ସଂଖ୍ୟା ରେ ଯୋଗଦାନ କରିବା ପାଇଁ ଅନୁରୋଧ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ,
ଗଜପତି

ଭୁବନେଶ୍ୱର
୦୮ ଜାନୁଆରୀ, ଗୁରୁବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ସୁରକ୍ଷା ବ୍ୟବସ୍ଥା ଢ଼ିଲା ! ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବେଶ କଲେ ଅଣହିନ୍ଦୁ



**ଭୁବନେଶ୍ୱର ୭।୧**
**ନ୍ୟୁଜ ବ୍ୟୁରୋ**

ପୁଣି ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବେଶ କଲେ ଅଣହିନ୍ଦୁ । ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ମନ୍ଦିରରେ ପଶିଗଲେ ଜାପାନୀ ପର୍ଯ୍ୟଟକ । ଓଡ଼ିଆ ଲୋକଙ୍କ ସାହାଯ୍ୟରେ ପ୍ରବେଶ କଲେ ଜାପାନୀ ପର୍ଯ୍ୟଟକ । ଅଣହିନ୍ଦୁ ପ୍ରବେଶ ପରେ ସେବାୟତ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅଣହିନ୍ଦୁଙ୍କୁ ମନ୍ଦିରକୁ ନେଇଥିବା ଦୁଇ ଓଡ଼ିଆ ଲୋକଙ୍କୁ ଅଟକ ରଖାଯାଇଛି । ମନ୍ଦିର ପ୍ରଶାସନ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି । ସୂଚନାଯୋଗ୍ୟ ଯେ, ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ପୁଣି ପ୍ରବେଶ କଲେ ଜଣେ ଅଣହିନ୍ଦୁ । ଜଣେ ଜାପାନୀ ପର୍ଯ୍ୟଟକ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ପ୍ରବେଶ କରିଥିବା ସୂଚନା ମିଳିଛି । ତେବେ ଜାପାନୀ ପର୍ଯ୍ୟଟକ ଜଣଙ୍କ ଦୁଇ ଜଣ ଓଡ଼ିଆ ଲୋକଙ୍କ ସହାୟତାରେ ମନ୍ଦିର ଭିତରେ ପ୍ରବେଶ କରିଥିବା ଜଣାପଡିଛି । ଜାପାନୀ ପର୍ଯ୍ୟଟକ ଜଣଙ୍କ ମନ୍ଦିରରେ ପ୍ରବେଶ କଲାବେଳେ ଜଣେ ସେବାୟତଙ୍କ ହାତରେ ଧରାପଡିଥିଲେ । ବିଦେଶୀ ପର୍ଯ୍ୟଟକଙ୍କୁ ପୋଲିସ ଅଟକ ରଖିଛି । ତାଙ୍କ ସହ ଦୁଇ ଜଣ ଓଡ଼ିଆଙ୍କୁ ମଧ୍ୟ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି । ତେବେ କେଉଁ ଉଦ୍ଦେଶ୍ୟ ରଖି ମନ୍ଦିର ଭିତରକୁ ଜାପାନୀ ପର୍ଯ୍ୟଟକଙ୍କୁ ପ୍ରବେଶ କରାଉଥିଲେ ତାକୁ ନେଇ ଛାନଭିନ ଚଳାଇଛି ପୋଲିସ । ଜାପାନୀ ପର୍ଯ୍ୟଟକଙ୍କୁ ପଚରାଉଚରା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିବ। ପୂର୍ବରୁ ମଧ୍ୟ ଅନେକ ଥର ମନ୍ଦିରରେ ବିଦେଶୀ ପର୍ଯ୍ୟଟକ ପ୍ରବେଶ କରିଥିବାର ନଜିର ରହିଛି ।

# ମା' ଭଗବତୀ ମନ୍ଦିର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭/୧**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାଣପୁର ଗସ୍ତ ଅବସରରେ ଆରାଧ୍ୟ ଦେବୀ ମା'ଭଗବତୀଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଆଶୀର୍ବାଦ ଭିକ୍ଷା କରିବା ସହିତ ମା' ଭଗବତୀ ପୀଠର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୬ କୋଟି ଟଙ୍କା ବିନିଯୋଗରେ ଓବିସିସିର ତତ୍ତ୍ୱାବଧାନରେ ଜାରି ରହିଛି । ଏଥିରେ ମନ୍ଦିର ପରିକ୍ରମା, ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା କେନ୍ଦ୍ର, ଯଜ୍ଞ ମଣ୍ଡପ, ପାର୍କିଂ ବ୍ୟବସ୍ଥା ଏବଂ ମୁଖ୍ୟ ମନ୍ଦିର ଓ ପାର୍ଶ୍ୱ ଦେବାଦେବୀ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରହିଛି । ମୁଖ୍ୟମନ୍ତ୍ରୀ ଏସମସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରି ମା'ଙ୍କ ଏହି କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପସ୍ଥିତ ସେବାୟତ ଓ ବାଣପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଡିପିଆର ପ୍ରସ୍ତୁତ ହୋଇ କାମ ଆରମ୍ଭ ହୋଇଛି, ମା'ଙ୍କ ମନ୍ଦିର ପାଇଁ ଯାହା ଅର୍ଥ ଆବଶ୍ୟକ ହେବ ଯୋଗାଇ ଦିଆଯିବ ଏବଂ ମା'ଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ମା'ଙ୍କ ମନ୍ଦିରର ଉନ୍ନତି ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।



# ନାଲ୍କୋର ନିର୍ଦ୍ଦେଶକ (ବାଣିଜ୍ୟିକ) ଭାବେ ଅନିଲ କୁମାର ସିଂହଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ୭/୧**
**ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ନୂତନ ନିର୍ଦ୍ଦେଶକ(ବାଣିଜ୍ୟିକ) ଭାବେ ଅନିଲ କୁମାର ସିଂହ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ସିଂହ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଅନ୍ୟ ଏକ ଲୋକ ଉଦ୍ୟୋଗ ହିନ୍ଦୁସ୍ତାନ କପର ଲିମିଟେଡ (ଏଚସିଏଲ)ରେ ମହାପ୍ରବନ୍ଧକ (ସାମଗ୍ରୀ ଓ ଚୁକ୍ତି) ଏବଂ ମହାପ୍ରବନ୍ଧକ (ମାନବ ସମ୍ବଳ) ଅତିରିକ୍ତ ଦାୟିତ୍ୱ ଭାବରେ କାର୍ଯ୍ୟ କରୁଥିଲେ। ଶ୍ରୀ ସିଂହଙ୍କର ଧାତୁ ଶିଳ୍ପର ବାଣିଜ୍ୟିକ ବିଭାଗରେ ୩୫ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ଅନିଲ କୁମାର ସିଂହ ୧୯୯୦ ମସିହାରେ ବିଆଇଟି ସିନ୍ଦ୍ରିରୁ ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ସାମଗ୍ରୀ ପରିଚାଳନା କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ନିମନ୍ତେ ଜିଡିଏମଏମ ଡିଗ୍ରୀ ସହ, ଏମବିଏ (ସାମଗ୍ରୀ ପରିଚାଳନା) ତଥା ପିଜିଡିସିଏ ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। ସେ



ବିଶାଖାପାଟଣାର ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ (ଆରଆଇଏନଏଲ)ରେ ସାମଗ୍ରୀ ପରିଚାଳନା ବିଭାଗରେ ନିଜର କ୍ୟାରିଅର ଆରମ୍ଭ କରିଥିଲେ। ଶ୍ରୀ ସିଂହଙ୍କ ରଣନୈତିକ ଦୃଷ୍ଟିକୋଣ ଏବଂ ଶିଳ୍ପ ବିଶେଷଜ୍ଞତା ହିନ୍ଦୁସ୍ତାନ କପର ଲିମିଟେଡର ମହତ୍ୱାକାଂକ୍ଷୀ ସମ୍ପ୍ରସାରଣ ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏଚସିଏଲରେ ଶ୍ରୀ ସିଂହ କମ୍ପାନୀର ଉତ୍ପାଦ ମାର୍କେଟିଂ, ନୀତି ପ୍ରସ୍ତୁତି, ପ୍ରମୁଖ ସାମଗ୍ରୀ, ସେବା ଏବଂ କାର୍ଯ୍ୟ ଚୁକ୍ତିନାମା ରଣନୀତି ଏବଂ ପରିଚାଳନା, ଷ୍ଟୋରେଜ୍ ପରିଚାଳନା ଏବଂ କମ୍ପାନୀର ଉତ୍ପାଦର ଗୁଣବତ୍ତା ନିୟନ୍ତ୍ରଣ, ଯଥା କପର କନସେଣ୍ଟ୍ରେଟ୍ ପାଇଁ କାର୍ଯ୍ୟ କରିଛନ୍ତି। ଶ୍ରୀ ସିଂହଙ୍କ ଆରଆଇଏନଏଲ ଏବଂ ଏଚସିଏଲରେ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହି ସାମଗ୍ରୀ ପରିଚାଳନା ଏବଂ ମାର୍କେଟିଂରେ ଅଭିଜ୍ଞତା ହାସଲ କରିଛନ୍ତି। ଏହି ଦୁଇ ଉଦ୍ୟୋଗରେ ତାଙ୍କର ସେବା ସମୟରେ ସେ ଫ୍ରଣ୍ଟଲାଇନ୍ ଅପରେସନ୍ ଏବଂ ନେତୃତ୍ୱ ଦିଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ତାଙ୍କର ବ୍ୟାପକ ବିଶେଷଜ୍ଞତା ସାମଗ୍ରୀ ପରିଚାଳନା, ଖଣି ନିମନ୍ତେ ଏମଡିଓ ଚୁକ୍ତିନାମା ଚୂଡ଼ାନ୍ତ କରିବା, ସଂଗଠନଗୁଡ଼ିକର କର୍ପୋରେଟ୍ କାର୍ଯ୍ୟାଳୟରେ ମାର୍କେଟିଂ ଏବଂ ଚୁକ୍ତିନାମା କାର୍ଯ୍ୟଗୁଡ଼ିକ ଅନ୍ତର୍ଭୁକ୍ତ। ସେ ଜେମ ମାଧ୍ୟମରେ ସର୍ବାଧିକ ସାମଗ୍ରୀ କ୍ରୟ ଏବଂ ଏମଏସଏମଇ ଲକ୍ଷ୍ୟ ପୂରଣ କରିବା ଓ ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ନୀତି ପ୍ରସ୍ତୁତ କରିବାରେ ନିୟୋଜିତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ସିଂହଙ୍କୁ ଅଭିନନ୍ଦନ ଜଣାଇ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଥିଲେ ଯେ ଶ୍ରୀ ସିଂହଙ୍କ ଯୋଗଦାନ ନାଲ୍‌କୋ ବୋର୍ଡକୁ ମଜବୁତ କରିବା ସହ ତାଙ୍କର ଅଭିଜ୍ଞତା କମ୍ପାନୀର ବାଣିଜ୍ୟିକ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ।

# ଏସ୍‌ସିବି, ଏମ୍‌କେସିଜି, ଭିମ୍‌ସାରରେ ସୁପର ସ୍ପେସିଆଲିଟି ସେବା ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୭/୦୧**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ବିଭାଗୀୟ ସଚିବ ଓ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରି ପ୍ରତ୍ୟେକ କାର୍ଯ୍ୟସ୍ଥଳ ବୁଲି ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଯେପରି ଠିକ୍ ଭାବରେ ଉନ୍ନତି ହେବ, ସେଥିପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ନର୍ସିଂ କ୍ଷେତ୍ରରେ ସଂସ୍କାର ସହ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ କାର୍ଯ୍ୟାନ୍ୱୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍)ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପ୍ରଥମେ କେନ୍ଦୁଝର ଜିଲ୍ଲାରେ ଏକ ପାଇଲଟ୍ ପ୍ରୋଗ୍ରାମ ଭାବେ ଆରମ୍ଭ କରାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସଫଳତାକୁ ଅନୁଧ୍ୟାନ କରାଯାଇ ସମଗ୍ର ରାଜ୍ୟରେ ତାହାର ସଂପ୍ରସରାରଣ କରାଯିବ। ଡିଜିଟାଲ ମିଶନ ଦ୍ୱାରା ଅଧିକାଂଶ ସ୍ୱାସ୍ଥ୍ୟ ସେବାକୁ ଯଥା ଆପଏଣ୍ଟମେଣ୍ଟ, ବୁକିଂ, ରେଫରାଲ ଓ ଫଲୋଅପ ବ୍ୟବସ୍ଥା ଇତ୍ୟାଦି ସମସ୍ତ କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯିବ । ଏହାଦ୍ୱାରା ରୋଗୀମାନଙ୍କ ପ୍ରତୀକ୍ଷା ସମୟ କମିବ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ହୋଇପାରିବ। ଡାକ୍ତରଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୁଡ଼ିକରେ ଡିପ୍ଲୋମେଟ୍ ଅଫ୍ ନ୍ୟାସନାଲ୍ ବୋର୍ଡ (ଡିଏନ୍‌ବି) ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଡାକ୍ତରମାନେ ପ୍ରାକ୍ଟିକାଲ ଓ କ୍ଲିନିକାଲ ଟ୍ରେନିଂ ପାଇଁ ସ୍ପେସିଆଲାଇଜେସନ କରିପାରିବେ । ସାରା ରାଜ୍ୟରେ ଆୟୁଷ ଔଷଧକୁ ଲୋକପ୍ରିୟ କରାଯିବ। ଏଥିପାଇଁ ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ । କୌଣସି ଏଲୋପାଥିକ ଔଷଧ ପ୍ରେସକ୍ରାଇବ କରିବେ ନାହିଁ। ତତ୍‌ସହିତ ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ନିମନ୍ତେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରମାନଙ୍କରେ ଆୟୁର୍ବେଦିକ ଓ ହୋମିଓପାଥି ମେଡିସିନ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ରାଜ୍ୟରେ ନର୍ସିଂ କ୍ଷେତ୍ରରେ ସଂସ୍କାର ଆସିବ। ନର୍ସିଂ ଛାତ୍ରଙ୍କୁ ଅତିରିକ୍ତ ପ୍ରଶିକ୍ଷଣ ଦିଆଯିବ। ସ୍ନାତକମାନଙ୍କର କୌଶଳର ଗୁଣାତ୍ମକ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ପାଠ୍ୟକ୍ରମରେ ପରିବର୍ତ୍ତନ ସହ ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଣାଳୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ଓଡ଼ିଶାରେ ନର୍ସିଂ ଏବଂ ମିଡ ୱାଇଫେରୀ କ୍ଷେତ୍ରରେ ସୁଧାର ଆଣିବା ପାଇଁ ବିଶେଷ ଆଲୋଚନା ହୋଇଛି । ମେଡିକାଲ ଶିକ୍ଷାରେ ସିଟ୍ ବୃଦ୍ଧି, ଏସସିବି, ଏମକେସିଜି ଏବଂ ଭିମ୍‌ସାର ଭଳି ଅନୁଷ୍ଠାନରେ ସୁପର ସ୍ପେସିଆଲିଟି ସେବାକୁ ଆହୁରି ବ୍ୟାପକ ଏବଂ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ ଅନୁମୋଦନ ପାଇଁ ଏହି ବୈଠକରେ ପ୍ରସ୍ତାବ ଦିଆଯାଇଛି । ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨ ବର୍ଷିଆ ଡିଏନ୍‌ବି ଡିପ୍ଲୋମା ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ଆଲୋଚନା ହୋଇଥିଲା। ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରମାନଙ୍କରେ ଆୟୁର୍ବେଦିକ ଓ ହୋମିଓପାଥି ମେଡିସିନର ଉପଲବ୍ଧତା ବିଷୟରେ ଆଲୋଚନା ହୋଇଛି । ଏହା ସହିତ ଏସସିବି କଟକରେ ଟ୍ରମା କେୟାର ନିର୍ମାଣର ଅଗ୍ରଗତି, ଭିତ୍ତିଭୂମି ବିକାଶ ବିଷୟରେ ଆଲୋଚନା ହୋଇଛି । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକ ଡ. ବୃନ୍ଦା ଡି ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



# ଲୁହା ପଥର ଉତ୍ପାଦନରେ ଓଏମସି ସର୍ବକାଳୀନ ରେକର୍ଡ ଦିଗରେ ଅଗ୍ରସର

**ଭୁବନେଶ୍ୱର,୦୭/୦୧**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଖଣି ନିଗମ (ଓଏମସି) ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଖଣିଜ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି କରିଛି। ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଲୁହା ପଥର ଉତ୍ପାଦନ ୨୪.୮୮ ମିଲିଅନ୍ ଟନ୍‌ରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷର ଡିସେମ୍ବର ମାସ ସୁଦ୍ଧା ହୋଇଥିବା ଉତ୍ପାଦନକୁ ଅତିକ୍ରମ କରିଛି । ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଅଧିନସ୍ଥ ଓଏମସି ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ସମୁଦାୟ ୨୯.୦୩ ମିଲିଅନ୍ ଟନ୍ (ଲୁହା ପଥର, କ୍ରୋମ୍, ବକ୍ସାଇଟ୍ ଓ ଅନ୍ୟାନ୍ୟ) ଖଣିଜ ଉତ୍ପାଦନ କରିଛି। ଏହି ଦୃଢ଼ କାର୍ଯ୍ୟଦକ୍ଷତା ଓଏମସିକୁ ଦେଶର ଅଗ୍ରଣୀ ମାଇନିଂ କମ୍ପାନୀଗୁଡ଼ିକ ମଧ୍ୟରେ ନିଜ ସ୍ଥାନକୁ ସୁଦୃଢ଼ କରିବା ସହ ଆର୍ଥିକ ବର୍ଷ ୨୦୨୫-୨୬ ରେ ନୂତନ ଉତ୍ପାଦନ ମାଇଲଷ୍ଟୋନ ସୃଷ୍ଟି ପାଇଁ ସହକାରୀ ହେବ । ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସରେ ଓଏମସିର କାର୍ଯ୍ୟଦକ୍ଷତା ଏହି ଉର୍ଦ୍ଧ୍ୱଗାମୀ ଧାରାକୁ ଆହୁରି ସ୍ପଷ୍ଟ କରୁଛି। ତୃତୀୟ ତ୍ରୈମାସରେ କର୍ପୋରେସନ୍ ସମୁଦାୟ ୧୨.୯୪ ମିଲିଅନ୍ ଟନ୍ ଖଣିଜ ଉତ୍ପାଦନ କରିଛି, ଯାହା ଆର୍ଥିକ ବର୍ଷ ୨୦୨୪-୨୫ର ତ୍ରୈମାସିକ (୯.୮୪ ମିଲିଅନ୍ ଟନ୍) ତୁଳନାରେ ପ୍ରାୟ ୩୧.୫% ବୃଦ୍ଧି ଅଟେ। ୨୦୨୫-୨୬ ର ତ୍ରୈମାସିକ ଉତ୍ପାଦନରେ ୧୧.୨୩ ମିଲିଅନ୍ ଟନ୍ ଲୁହା ପଥର, ୦.୪୯ ମିଲିଅନ୍ ଟନ୍ କ୍ରୋମ୍, ୧.୧୫ ମିଲିଅନ୍ ଟନ୍ ବକ୍ସାଇଟ୍ ଓ ୦.୦୭ ମିଲିଅନ୍ ଟନ୍ ଅନ୍ୟାନ୍ୟ ଖଣିଜ ରହିଛି । ଏହା ଉତ୍ତମ ମାଇନିଂ ପରିଚାଳନା, ଅନୁକୂଳ କାର୍ଯ୍ୟ ପରିସ୍ଥିତି ଏବଂ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସାଧିତ ହୋଇଛି। ଓଏମସି ଏହି କ୍ରମରେ ଉତ୍ପାଦନ ଜାରି ରଖି ଚଳିତ ଆର୍ଥିକ ବର୍ଷ ୨୦୨୫ - ୨୬ ଶେଷ ସୁଦ୍ଧା ଖଣିଜ ଉତ୍ପାଦନ ଓ ବିଶେଷ କରି ଲୁହା ପଥର ଉତ୍ପାଦନରେ ନୂତନ ରେକର୍ଡ ସୃଷ୍ଟି କରିବା ପାଇଁ ପଥ ପ୍ରସ୍ତୁତ କରିଅଛି। ଉତ୍ପାଦନ ବୃଦ୍ଧି ସହିତ ଓଏମସି ଦାୟିତ୍ୱପୂର୍ଣ୍ଣ ମାଇନିଂ, ସୁରକ୍ଷା ତଥା ସିଏସଆର ମାଧ୍ୟମରେ ନିଜ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ପ୍ରତି ପ୍ରତିବଦ୍ଧ ରହିଛି । ଖଣିଜ ଉତ୍ପାଦନରେ ନିରନ୍ତର ବୃଦ୍ଧି ଓଡ଼ିଶାରେ ଶିଳ୍ପର ଉନ୍ନତି ଏବଂ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବାରେ ଓଏମସିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିନିଧିତ୍ୱ କରେ।



# ଆଜିଠୁ କୁମ୍ଭୀର ଗଣନା : ପର୍ଯ୍ୟଟକଙ୍କ ପାଇଁ ୩ ଦିନ ବନ୍ଦ ରହିବ ଭିତରକନିକା

**ପଟ୍ଟାମୁଣ୍ଡାଇ,୦୭/୦୧**
**ନ୍ୟୁଜ ବ୍ୟୁରୋ**

ଗୁରୁବାରଠୁ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ। କୁମ୍ଭୀର ଗଣନା ପାଇଁ ୩ ଦିନ ବନ୍ଦ ରହିବ ଭିତରକନିକା। ୮ରୁ ୧୦ ତାରିଖ ଯାଏଁ ଜାତୀୟ ଉଦ୍ୟାନ ବନ୍ଦ ରହିବା ନେଇ ସୂଚନା ଦେଇଛନ୍ତି ରାଜନଗର ଡିଏଫଓ। ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ, ନାଳ ଓ ନଦୀକୁ ସଂଯୋଗ କରୁଥିବା ଅଞ୍ଚଳରେ ବଉଳା କୁମ୍ଭୀରମାନଙ୍କ ଗଣନା କାର୍ଯ୍ୟ ଚାଲିବ । ବଉଳା କୁମ୍ଭୀର ବିଶାରଦ ଡକ୍ଟର ସୁଧାକର କର, ରାଜନଗର ଡିଏଫ୍‌ଓ ଭରଦ୍ୱାଜ ଗାୟକୱାଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ। ଏହି ୩ ଦିନ ବନଖଣ୍ଡ ପକ୍ଷରୁ ୫୧ଟି ଜାଗାରେ କୁମ୍ଭୀର ଗଣନା କରାଯିବ। ଏନେଇ ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ପରିଭ୍ରମଣ ସଂପୂର୍ଣ୍ଣ ନିଷେଧ କରାଯିବ। ସେହିପରି ୭ତାରିଖରେ ଗଣନା ସଂପର୍କିତ ଶିକ୍ଷା ଦିଆଯିବା ସହ ବିଭିନ୍ନ ବନାଞ୍ଚଳ ରେଞ୍ଜରେ ଟିମ୍ ଗଠନ କରାଯିବ। ପରେ ୮,୯ ଓ ୧୦ତାରିଖ କୁମ୍ଭୀର ଗଣନା କରାଯିବା ସହ ୧୧-୧୨ ତାରିଖ ସୁଦ୍ଧା ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପଠାଯିବା ନେଇ ରାଜନଗର ଡିଏଫ୍‌ଓ ଭରତଦ୍ୱାଜ ଗାୟକୱାଡ କହିଛନ୍ତି ।




# ୯ରେ ଏକାମ୍ର କାନନ ପୁଷ୍ପ ପ୍ରଦର୍ଶନୀ : ୧୦ରେ ଖୋଲିବ ରାଜଭବନ

**ଭୁବନେଶ୍ୱର, ୦୭/୦୧**
**ନ୍ୟୁଜ ବ୍ୟୁରୋ**

ସକାଳ ଓ ସନ୍ଧ୍ୟାରେ ସୁଲୁସୁଲିଆ ପବନ ସାଙ୍ଗକୁ ଘନ କୁହୁଡ଼ି । ଶୀତ ଦିନେ ରାଜଧାନୀରେ ସବୁଠି ଚାଲେ ବିଭିନ୍ନ କାର୍ଯ୍ୟକ୍ରମ । ତନ୍ମଧ୍ୟରେ ପୁଷ୍ପ ପ୍ରଦର୍ଶନୀ ଅନ୍ୟତମ। ରାଜଧାନୀବାସୀ ଏହାକୁ ଯେମିତି ଅପେକ୍ଷା କରିଥାନ୍ତି। ସହରର ଗଳିକନ୍ଦିଠାରୁ ଆରମ୍ଭ କରି ସରକାରୀ ବାସଭବନ ଯାଏ ସବୁଠି ରଙ୍ଗବେରଙ୍ଗର ଫୁଲରେ ସଜେଇ ହୋଇଯାଏ। ବହୁ ସ୍ଥାନରେ ଫୁଲ ପ୍ରଦର୍ଶନୀ ସହିତ ପ୍ରତିଯୋଗିତା ମଧ୍ୟ ଆୟୋଜନ ହୋଇଥାଏ । ଯେଉଁଠି ସାଧାରଣ ଲୋକ ଏହି ପ୍ରଦର୍ଶନୀ ଦେଖିବାର ସୁଯୋଗ ପାଇବା ସହିତ ଫୁଲ କିଣିବାର ସୁଯୋଗ ପାଆନ୍ତି। ଏହି ଶୀତ ସକାଳରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ଏକାମ୍ର କାନନ ପରିସରରେ ଜାନୁଆରୀ ୯ତାରିଖରେ ଫୁଲ ପ୍ରଦର୍ଶନୀ ଆରମ୍ଭ ହେବ । ମାଗଣାରେ ଏକାମ୍ର କାନନରେ ଏହି ପୁଷ୍ପ ପ୍ରଦର୍ଶନୀର ମଜା ଉଠାଇ ପାରିବେ ସାଧାରଣ ଲୋକ । ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ଓ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଏହି ପୁଷ୍ପ ପ୍ରଦର୍ଶନୀ ହେବ । ପ୍ରତିବର୍ଷ ଦୁଇ ଦିନ ଧରି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଚଳିତ ଥର ତିନି ଦିନ ହେବ । ୯ତାରିଖ ଅର୍ଥାତ୍ ଶୁକ୍ରବାର ଆରମ୍ଭ ହୋଇ ରବିବାର ସରିବ । ଅର୍କିଡ, ଲିଲିୟମ୍ ଭଳି ଅନେକ ଦେଶୀ ଓ ବିଦେଶୀ ଫୁଲ ଆକର୍ଷଣ ସାଜିବ । ଠିକ୍ ଜାନୁଆରୀ ୧୦ତାରିଖରେ ରାଜଭବନ ଉଦ୍ୟାନ ଖୋଲାଯିବ । ଛାତ୍ରଛାତ୍ରୀ, ସାଧାରଣ ଦର୍ଶକ ୧୦ ତାରିଖରୁ ରାଜଭବନ ବୁଲିବାର ସୁଯୋଗ ପାଇବେ। ଏଥର ମଧ୍ୟ ଅନ୍‌ଲାଇନ୍‌ରେ ଟିକଟ୍‌ର ବ୍ୟବସ୍ଥା ରହିଛି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ସମୀକ୍ଷା ବୈଠକ

# ଗୋଟିଏ ରଙ୍ଗ, ଗୋଟିଏ ଡିଜାଇନର ହେବ ବଡ଼ଦାଣ୍ଡ ପାର୍ଶ୍ୱ ଘର

**ପୁରୀ, ୭।୧ ନ୍ୟୁଜ ବ୍ୟୁରୋ**

ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ)ର ୩୫ତମ ସମୀକ୍ଷା ବୈଠକ ପୁରୀ ସର୍କିଟ୍ ହାଉସ୍ ଠାରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ପିକେଡିଏ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ-କୋଣାର୍କ ଅଞ୍ଚଳର ସମଗ୍ର ଓ ଉନ୍ନୟନ, ଐତିହ୍ୟ ସଂରକ୍ଷଣ, ସହର ପରିକଳ୍ପନା, ଗୃହ ନିର୍ମାଣ, ପାରିପାର୍ଶ୍ୱିକ ଉନ୍ନୟନ ଓ ପ୍ରଶାସନିକ ସୁଦୃଢ଼ତା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ବହୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ଗୁଣ୍ଡିଚାମନ୍ଦିର (ଗ୍ରାଣ୍ଡ୍ ରୋଡ଼) ପାର୍ଶ୍ୱ ଅଞ୍ଚଳରେ ଏକରୂପ ଡିଜାଇନ୍ ଓ ରଙ୍ଗ ବ୍ୟବସ୍ଥା, ଐତିହ୍ୟ ସ୍ଥଳ, ଐତିହ୍ୟ ଭବନ ଓ ପ୍ରାକୃତିକ ଅଞ୍ଚଳ ସଂରକ୍ଷଣ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ ଓ ଅବଗତ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ସହ ଏନ୍‌ଓସି ପ୍ରକ୍ରିୟାକୁ ସମୟ ସୀମା ଭିତ୍ତିକ କରିବା ଉପରେ ଆଲୋଚନା କରାଯାଇଥିଲା । ଯଦି ୩୦ ଦିନରେ ଏନ୍‌ଓସି ନମିଳେ ଗୃହ ନିର୍ମାଣ ସମ୍ପର୍କିତ ଆବେଦନକୁ ଓଡ଼ିଶା ଉନ୍ନୟନ ପ୍ରାଧିକରଣ ଆଇନ୍ ଅନୁସାରେ ପ୍ଲାନ୍ ଅନୁମୋଦନ କରାଯିବା ପ୍ରସ୍ତାବ ରଖାଯାଇଛି । ବୈଠକରେ ଟାଉନ୍ ପ୍ଲାନିଂ (ଟିପି) ସ୍କିମ୍, ବାଲୁଖଣ୍ଡରେ ପିପିପି ମଡେଲରେ ବହୁତଳ କୋଠା ନିର୍ମାଣ ପ୍ରକଳ୍ପ, ପିକେଡିଏ ପାଇଁ କ୍ୟାଡର୍ ପୁନର୍ଗଠନ ଓ କର୍ମଚାରୀ ନିଯୁକ୍ତି, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ସ୍ଥାପନ ଏବଂ ଦୀର୍ଘକାଳୀନ କାର୍ଯ୍ୟଭାର ନେଉଥିବା କର୍ମଚାରୀଙ୍କ ନିୟମିତୀକରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ସେଥିପାଇଁ ସମଗ୍ର ପିକେଡିଏ ଅଞ୍ଚଳ ଓ ପ୍ରସ୍ତାବିତ ବିସ୍ତାରିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରି ଏକ ନୂତନ ଓ ସଂଶୋଧିତ ସମ୍ପୂର୍ଣ୍ଣ ଉନ୍ନୟନ ପ୍ରଣାଳୀ ପ୍ରସ୍ତୁତ କରିବା ପାଇଁ ଅନୁମୋଦନ ଦିଆଯାଇଛି । ବୈଠକରେ ପିକେଡିଏ ପରିଚାଳନାରେ ଥିବା ସହରର ପ୍ରମୁଖ ମାର୍କେଟ୍ କମ୍ପ୍ଲେକ୍ସଗୁଡ଼ିକର ଅପରେସନ୍ ଓ ମେଣ୍ଟେନାନ୍ସ, ସ୍ମାର୍ଟ ପାର୍କ, ବର୍ଲି ଆପଣ୍ଡା ଅଞ୍ଚଳ ଓ ପିକେଆରଆଇଟି କଲୋନୀ ଆଲୋକୀକରଣ, ପିକେଡିଏ କାର୍ଯ୍ୟାଳୟ ଭବନର ମରାମତି, ତାଳବଣିଆ ଚିଲଡ୍ରେନ୍ ପାର୍କ ପରିଚାଳନା କରିବା ପାଇଁ ଟେଣ୍ଡର କରିବାକୁ ଆଲୋଚନା ହୋଇଥିଲା । ପିକେଡିଏ ସଚିବଙ୍କ ଆର୍ଥିକ କ୍ଷମତା ବୃଦ୍ଧି ସମ୍ପର୍କିତ ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ଓ ନିଷ୍ପତ୍ତି ନିଆଯାଇଛି । ବୈଠକ ଶେଷରେ ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ବଜେଟ୍ ଅନୁମୋଦନ କରାଯାଇଛି । ପୁରୀ-କୋଣାର୍କ କର୍ତ୍ତୃପକ୍ଷ ଅଧୀନ ଅଞ୍ଚଳରେ ଐତିହ୍ୟ ଓ ଧାର୍ମିକ ଗୌରବକୁ ସୁରକ୍ଷିତ ରଖି ଉନ୍ନୟନ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେବେ ବୋଲି ବୈଠକରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୁରୀ ମ୍ୟୁନିସିପାଲିଟିର ଅଧିକାରୀ, ରାଜ୍ୟ ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକଙ୍କ ସମେତ ବହୁ ପ୍ରାଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

